# ଏକକ ୩: ବ୍ୟକ୍ତିତ୍ୱର ବିକାଶ ଓ ଆକଳନ

ଟିପ୍ପଣୀ

## ସଂରଚନା


୩.୦ ଉପକ୍ରମ

୩.୧ ଶିକ୍ଷଣ ଉଦ୍ଦେଶ୍ୟ

୩.୨ ବ୍ୟକ୍ତିତ୍ୱର ସ୍ୱରୂପ ଓ ଧରଣା

୩.୩ ବ୍ୟକ୍ତିତ୍ୱର ଲକ୍ଷଣ ସମୂହ

୩.୪ ବ୍ୟକ୍ତିତ୍ୱର ଲକ୍ଷଣ

୩.୫ ବ୍ୟକ୍ତିତ୍ୱର ବିକାଶ

୩.୬ ବ୍ୟକ୍ତିତ୍ୱର ଆକଳନ

୩.୭ ବ୍ୟକ୍ତିତ୍ୱର ବିକାଶରେ ଶିକ୍ଷକଙ୍କ ଭୂମିକା

୩.୮ ସାରାଂଶ

୩.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୩.୧୦ ଅତରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୩.୧୧ ପାଠାନ୍ତ ପ୍ରଶ୍ନାବଳୀ .

ଟିପ୍ପଣୀ

## ୩.୦ ଉପକ୍ରମ

ପୂର୍ବ ଏକକରେ ଆମେ ବଂଶାନୁକ୍ରମ ଏବଂ ପରିବେଶର ଭୂମିକା ସଂପର୍କରେ ଆଲୋଚନା କରି ସାରେଛେ । ଏହି ଏକକରେ ଆମେ ବ୍ୟକ୍ତିତ୍ୱ ବିକାଶ ଏବଂ ଏହାର ଆକଳନ ସମ୍ବନ୍ଧରେ ଆଲୋଚନା କରିବା । ଆମେ ମୁଖ୍ୟତଃ ବ୍ୟକ୍ତିତ୍ୱର ସ୍ୱରୂପ ଏବଂ ଧାରଣା, ଲକ୍ଷଣ ଏବଂ ତତ୍ତ୍ୱ, ବ୍ୟକ୍ତିତ୍ୱ ଆକଳନ ଓ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷକଙ୍କ ଭୂମିକା ସଂପର୍କରେ ଆଲୋକପାତ କରିବା ।

## ୩.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ପଢିସାରିବା ପରେ ତୁମେ କରିବାକୁ ସମର୍ଥ ହେବ:

- ବ୍ୟକ୍ତିତ୍ୱର ଅର୍ଥ ବ୍ୟକ୍ତ କରିବାରେ
- ବ୍ୟକ୍ତିତ୍ୱର ଲକ୍ଷଣଗୁଡିକୁ ତାଲିକା କରିବାରେ
- ବ୍ୟକ୍ତିତ୍ୱ ଆକଳନରେ ସଚେତନତା ବିକାଶ କରିବାରେ
- ପିଲାମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷକଙ୍କ ଭୂମିକା ବର୍ଣ୍ଣନା କରିବାରେ

## ୩.୨ ବ୍ୟକ୍ତିତ୍ୱର ସ୍ୱରୂପ ଏବଂ ଧାରଣା

'ବ୍ୟକ୍ତିତ୍ୱ' ବା 'ପର୍ଶନାଲିଟି' ଶବ୍ଦଟି ଲାଟିନ୍ ଶବ୍ଦ 'ପର୍ସୋନ' ରୁ ଉଦ୍ଧୃତ ଯାହାର ଅର୍ଥ ରୋମାନ କଳାକାରମାନଙ୍କ ଦ୍ୱାରା ପିନ୍ଧାଯାଉଥିବା ମୁଖା । ଏହି ଅର୍ଥରେ ବ୍ୟକ୍ତିତ୍ୱର ଅର୍ଥ ହେଲା ବ୍ୟକ୍ତି ଅନ୍ୟଦ୍ୱାରା ଯେପରି ଗ୍ରହଣୀୟ ହୋଇଥାଏ । ଜଣେ ବ୍ୟକ୍ତିର ଶାରୀରିକ, ଅବେଗିକ, ମାନସିକ, ସାମାଜିକ, ନୈତିକ ଏବଂ ଅଧ୍ୟାତ୍ମିକ ଗଠନ ଆଦି ସବୁକିଛିର ସମଷ୍ଟି ହିଁ ବ୍ୟକ୍ତିତ୍ୱ ।

ସାଧାରଣ ଅର୍ଥରେ/ଶବ୍ଦରେ କହିଲେ ବ୍ୟକ୍ତିତ୍ୱ ନିମ୍ନୋକ୍ତ ଗୁଣ ଆଧାରରେ ଗଠିତ ହୋଇଥାଏ ।

୧ - ତୁମେ ଯେପରି ଦେଖାଯାଅ

୨ - ତୁମେ ଯେପରି ପୋଷାକ ପିନ୍ଧ

୩ - ତୁମେ ଯେପରି କଥା ହୁଅ

୪ - ତୁମେ ଯେପରି ଚାଲ

୫ - ତୁମେ ଯେପରି କାର୍ଯ୍ୟ କର

## ୩.୩ ବ୍ୟକ୍ତିତ୍ୱର ଲକ୍ଷଣ

୧ - ବ୍ୟକ୍ତିତ୍ୱ ହେଉଛି ଯାହା ଜଣେ ଯେପରି ଅଟନ୍ତି:

ଏହାର ଅର୍ଥ ବ୍ୟକ୍ତିତ୍ୱର ଲକ୍ଷଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ବିକଶିତ ହୋଇଥାଏ । ଏହାପରେ ଏଗୁଡିକ ସ୍ଥିର ହୋଇଯାଏ । ଅନ୍ୟପକ୍ଷରେ ଜଣେ ଅନ୍ୟଜଣଙ୍କ ଠାରୁ ଧାର ଆଣିପାରିବ ନାହିଁ ଯାହା ଜଣେ ବ୍ୟକ୍ତିର ଅନ୍ତର୍ନିହିତ ଥାଏ ଓ ଯାହା ଦୃଶ୍ୟମାନ ହୋଇଥାଏ ।

୨ - ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ ଅଦ୍ୱିତୀୟ:

ପ୍ରତ୍ୟେକ ବ୍ୟକ୍ତିର ଲକ୍ଷଣ ଅନ୍ୟବ୍ୟକ୍ତିମାନଙ୍କ ଠାରୁ ପୃଥକ ଅଟେ । ଏପରିକି ଯାଆଁଳା ପିଲାମାନେ ବ୍ୟକ୍ତିତ୍ୱର ଲକ୍ଷଣଗୁଡିକରେ ଏକାପରି ନୁହଁନ୍ତି ।

୩ - ବ୍ୟକ୍ତିତ୍ୱ ହେଉଛି କ୍ରୟାଶୀଳ ଓ ଏହା ସ୍ଥିତିଶୀଳନୁହେଁ:

ବ୍ୟକ୍ତିତ୍ୱ ଲକ୍ଷ୍ୟଣଗୁଡିକ ଯଦିଓ ଚୟନମୂଳକ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଥାଏ । (ବଂଶାନୁକ୍ରମେ ଓ ପରିବେଶଗତ ପାରସ୍ପରିକ କ୍ରିୟା ହେତୁ) ଓ ସମୟାନୁକ୍ରମେ ପରିମାର୍ଜିତ ହୋଇଥାଏ । ଯଦିଓ ବ୍ୟକ୍ତିତ୍ୱର ଲକ୍ଷଣ ଗୁଡିକରେ ନୂଆକିଛି ଯୋଗ କରାଯାଇ ପାରିବନାହିଁ, ତେବେ, ପ୍ରତ୍ୟେକ ଲକ୍ଷଣ ପରିବର୍ତ୍ତିତ ସମୟ ଅନୁସାରେ ପରିମାର୍ଜିତ ହୋଇପାରିବେ ।

୪ - ବ୍ୟକ୍ତିତ୍ୱ ଏକ ଏକୀକୃତ ସତ୍ତାରୂପେ କାର୍ଯ୍ୟ କରେ:

ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱର ପରିପ୍ରକାଶ ହେଉଛି, ଯାହା ଜଣଙ୍କ ପାଖରେ ଥାଏ, ତହାର ଏକ ସମଷ୍ଟିଗତ ରୂପ । ଅନ୍ୟ ସହିତ କ୍ରିୟା ପ୍ରତିକ୍ରିୟା ସମୟରେ ଜଣେ ନିଜର ଲକ୍ଷଣ ଗୁଡିକ ସାମଗ୍ରିକ ଭାବେ ଲୁଚାଇ ପାରିବ ନାହିଁ ।

୫ - ଉଭୟ ବଂଶାନୁକ୍ରମ ଓ ପରିବେଶର ଉତ୍ପନ୍ନ ଫଳ ହେଉଛି ବ୍ୟକ୍ତିତ୍ୱ:

ଜଣେବ୍ୟକ୍ତି ଜନ୍ମ ଦ୍ୱାରା ବ୍ୟକ୍ତିତ୍ୱର ଲକ୍ଷଣ ଗୁଡିକୁ ଆହରଣ କରିଥାଏ ଏବଂ ଏକ ସଙ୍ଗରେ ସେହି ଲକ୍ଷଣ ଗୁଡିକର ଲାଳନପାଳନ ମାଧ୍ୟମରେ ଯତ୍ନନିଆ ଯାଏ । ଅଧିକଉର ଭାବେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ ଲକ୍ଷଣର ବିକାଶରେ ସାମାଜିକ-ସାଂସ୍କୃତିକ ଏବଂ ଅର୍ଥନୈତିକ ପରିବେଶର ମଧ୍ୟ ଅବଦାନ ରହିଛି ।

୬ - ବ୍ୟକ୍ତିତ୍ୱ ପୁରାପୁରି ସାମାଜିକ:

ସାମାଜିକ ଶକ୍ତି ଓ ପାରସ୍ପରିକ କ୍ରିୟା ହେତୁ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ଲକ୍ଷଣଗୁଡିକ ପୋଷିତ ଓ ପରିମାର୍ଜିତ (କେତେକ ହ୍ରାସ ହୋଇଥାଏ) ହୋଇଥାଏ ।

୭ - ବ୍ୟକ୍ତିତ୍ୱ ପରିବେଶ ସହିତ ନିଜକୁ ଧାରାବାହିକ ଭାବେ ସମଯୋଜିତ କରେ:

ଜଣେ ବ୍ୟକ୍ତି ବ୍ୟକ୍ତିତ୍ୱର ଲକ୍ଷଣଗୁଡ଼ିକୁ ଯଦିଓ ଜନ୍ମରୁ ଆହରଣ କରିଥାଏ ଏହି ଲକ୍ଷଣ ଗୁଡିକ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ ଏବଂ ସମୟାନୁକ୍ରମେ ପରିବର୍ତ୍ତିତ ପରିବେଶ ସହ ସମଯୋଜିତ ହୋଇଥାଏ

୮ - କ୍ୱଚିତ କ୍ଷେତ୍ରରେ ବ୍ୟକ୍ତିତ୍ୱ ପରିବେଶକୁ ପ୍ରଭାବିତ କରେ:

ବ୍ୟାପକ ଭାବେ ଜଣେ ପରିବେଶଗତ ଉପାଦାନ ଶକ୍ତିଦ୍ୱାରା ପ୍ରଭାବିତ ହୋଇଥାଏ, କିନ୍ତୁ କେତେକ ସମୟରେ ପ୍ରାଧାନ୍ୟ ବିସ୍ତାର କରିଥିବା ବ୍ୟକ୍ତିତ୍ୱ ସେମାନଙ୍କ ଚତୁଃପାର୍ଶ୍ୱର ପରିବେଶକୁ କେତେକ ପରିମାଣରେ ପ୍ରଭାବିତ କରିଥାନ୍ତି ।

୯ - ନିଶ୍ଚିତ ପରିସମାପ୍ତି ନିମିତ୍ତ ସର୍ବଦା ପ୍ରୟାସଶୀଳ:

ବ୍ୟକ୍ତିତ୍ୱର ଲକ୍ଷଣଗୁଡିକ କୌଣସି ଟି ପାଇଁ ନୁହେଁ - ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱର ଏକ ଉଦ୍ଦେଶ୍ୟ ନିହିତ । ଏହି ଅନୁସାରେ ଜଣେ ନିଜ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରେ ଏବଂ ସେଗୁଡିକର ହ୍ରାସ ନିମିତ୍ତ ପ୍ରୟାସ କରେ ।

୧୦ - ବ୍ୟକ୍ତିତ୍ୱ ହେଉଛି ଆତ୍ମ ସଚେତନତା:

ଆମେ ପଶୁମାନଙ୍କ ପାଇଁ ବ୍ୟକ୍ତିତ୍ୱକୁ ଆରୋପିତ କରୁନା । କାର୍ଯ୍ୟ କରିବା ପାଇଁ ମନୁଷ୍ୟମାନଙ୍କର ମସ୍ତିଷ୍କ ଅଛି - ତେଣୁ, ମଣିଷମାନଙ୍କ ବକ୍ତିତ୍ୱ ଏକ ଯୁକ୍ତି ସଙ୍ଗତ ବିଚାର ପ୍ରକ୍ରୟା ଅଟେ । ଯଦିଓ ପଶୁମାନଙ୍କର ଏହି ଭଳି ବ୍ୟବସ୍ଥାମାନ ନାହିଁ, ତଥାପି ବ୍ୟକ୍ତିମାନେ ସେମାନଙ୍କର ଲକ୍ଷଣ ଏବଂ ସାମର୍ଥ୍ୟ ଗୁଡିକ ସହିତ ସଚେତନ ହେବା ଓ ସେହି ଅନୁଶାରେ କାମ କରିବା ପାଇଁ ଆବଶ୍ୟକ କରନ୍ତି ।

**ନିଜ ଅଗ୍ରଗତି ଆକଳନ - ୧**

ଉପଯୁକ୍ତ ଉଦାହରଣ ସହ ବ୍ୟକ୍ତିତ୍ୱର ଯେ କୌଣସି ଦୁଇଟି ଲକ୍ଷଣର ତାଲିକା ଓ ବର୍ଣ୍ଣନା କର ।

______________________________________________

______________________________________________

______________________________________________

______________________________________________

## ୩.୪. - ବ୍ୟକ୍ତିତ୍ୱର ତତ୍ତ୍ୱ ସମୂହ

ବ୍ୟକ୍ତିତ୍ୱର କେତେକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ନିମ୍ନରେ ବର୍ଣ୍ଣିତ ହୋଇଛି ।

### ୩. ୪. ୧ ବ୍ୟକ୍ତିତ୍ୱର ଲକ୍ଷଣ ତତ୍ତ୍ୱ:

G.w. Allport, R.B Cattell ଓ HJ Eysenck ମନୋବିଜ୍ଞାନୀ ଗଣ ଲକ୍ଷଣ ତତ୍ତ୍ୱର ମୁଖ୍ୟ ପ୍ରବର୍ତ୍ତକ ଅଟନ୍ତି । ଗୋଟିଏ ଲକ୍ଷଣ ହେଉଛି ବ୍ୟକ୍ତିତ୍ୱର ଏକ ଦିଗ ଯାହା ମପାଯାଇ ପାରିବ

ଟିପ୍ପଣୀ

ଏବଂ ଏକ ବ୍ୟକ୍ତିର ସୁସଙ୍ଗତ ବ୍ୟବହାରକୁ ନିଶ୍ଚିତ ରୂପେ ବର୍ଣ୍ଣନା କରିପାରିବ । ସଂପ୍ରସାରିତ ସକାରାତ୍ମକ ପ୍ରାନ୍ତରୁ ଅତିଶୟ ନକାରାତ୍ମକ ପ୍ରାନ୍ତ ପର୍ଯ୍ୟନ୍ତ ଏକ ଧାରାବାହିକ ମାନକ ପରିମାପକ ରୂପେ ଗୋଟିଏ ଲକ୍ଷଣ ପରିମାଣାତ୍ମକ ଦିଗଭାବେ ଗ୍ରହଣୀୟ ହୋଇଥାଏ । ମଣିଷ ବ୍ୟକ୍ତିତ୍ୱର ଏକ ଅର୍ଥପୂର୍ଣ୍ଣ ମାପକ ହେବା ନିମିତ୍ତ ଗୋଟିଏ ଲକ୍ଷଣ ଜଣେ ବ୍ୟକ୍ତିର ଏକ ସ୍ୱତନ୍ତ୍ର ଏବଂ ଦୀର୍ଘସ୍ଥାୟୀ ବୈଶିଷ୍ଟ୍ୟ ହେବା ଉଚିତ । ଲକ୍ଷଣ ତତ୍ତ୍ୱବିତ୍ମାନଙ୍କ ଅନୁସାରେ, ଯଦି ଆମେ ନିଜକୁ ଅଳ୍ପ କେତେକ ମୌଳିକ ଲକ୍ଷଣ ଭିତରେ ସୀମିତ ରଖିବା ଯାହା ମଣିଷ ବ୍ୟକ୍ତିତ୍ୱର ପ୍ରଭେଦ ସୂଚକ ଓ ସସଂଗତ ଅଟେ, ତେବେ ଏହାକୁ ବର୍ଣ୍ଣନା କରିବାର ସମସ୍ୟା ସହଜରେ ହେବା ଉଚିତ । ତତ୍ତ୍ୱବିତ୍ମାନେ ଅନେକ ସମୟରେ ଲକ୍ଷଣଗୁଡିକ ମଧ୍ୟରେ ପାର୍ଥକ୍ୟ ନିରୂପଣ କରନ୍ତି ଯାହା ତତ୍‌କ୍ଷଣାତ ପର୍ଯ୍ୟବେକ୍ଷଣ କରିହେବ ଏବଂ ଯାହା ବ୍ୟକ୍ତିତ୍ୱ ସହ ଅନ୍ତରଙ୍ଗ ଭାବେ ନିକଟତର । ତତ୍‌କ୍ଷଣାତ୍ ପର୍ଯ୍ୟବେକ୍ଷଣ ହେଉଥିବା ଲକ୍ଷଣକୁ 'ବାହ୍ୟ ଲକ୍ଷଣ' ଏବଂ ଗଭୀରତରଗୁଡିକୁ 'ଉତ୍ସ ଲକ୍ଷଣ' ରୂପେ ଲକ୍ଷଣ ତତ୍ତ୍ୱର ଏକ ପନ୍ଥା ବର୍ଣ୍ଣନା କରିଥାଏ ।

### ବାରଗୋଟି ମୌଳିକ ଲକ୍ଷଣ

| | | | |
|---|---|---|---|
| ୧. | ସାଇକ୍ଲୋଥିମିଆ (Cyclothymia)<br>ଆବେଗିକ ପରିପ୍ରକାଶ, ସ୍ପଷ୍ଟ, ଧୀର | ବନାମ | ସିଜୋଥିମିଆ (Schezothymia)<br>ଗମ୍ଭୀର, ସ୍ୱେଚ୍ଛଭାଗୀ, ଉତ୍‌କଣ୍ଠା |
| ୨. | ସାଧାରଣମାନସିକ ସାମର୍ଥ୍ୟ<br>(General mental Capacity)<br>ବୁଦ୍ଧିଆ, ଚତୁର, ବିସ୍ମୟ | ବନାମ | ମାନସିକ ତ୍ରୁଟି (Mental Defect) ନିର୍ବୁଦ୍ଧିଆ, ମାନ୍ଦା, ଆଜ୍ଞାବହ |
| ୩. | ଆଧିପତ୍ୟ/ପ୍ରାଧାନ୍ୟ<br>(Emotionally Stable)<br>ସ୍ନାୟବିକ ବିକାର ଲକ୍ଷଣ ଯୁକ୍ତ,<br>ଜୀବନ ସମ୍ପର୍କରେ ବାସ୍ତବବାଦୀ | ବନାମ | ଆବେଗିକ ସ୍ନାୟୁବିକ ବିକାର<br>(Neurotic Emotionality)<br>ବଭିନ୍ନ ପ୍ରକାର ସ୍ନାୟବିକ ବିକାର<br>ଛଳନା, ଅପରିପକ୍ୱ |
| ୪. | ଆଧିପତ୍ୟ/ପ୍ରାଧାନ୍ୟ<br>(Dominance)<br>ଆତ୍ମବିଶ୍ୱସୀ, ଦୃଢ, ଉଗ୍ର | ବନାମ | ଆଦେଶାନୁବର୍ତ୍ତୀ/ଆଜ୍ଞାବହ<br>(Submissiveness)<br>ଆଜ୍ଞାବହ,ଅନିଶ୍ଚିତ, ଆତ୍ମସନ୍ତୋଷ |
| ୫. | ସକାରାତ୍ମକ ଆବେଗ<br>(Surgency)<br>ପ୍ରଫୁଲ, ଆନନ୍ଦମୟ, ହାସ୍ୟରସାତ୍ମକ,<br>ଚତୁର | ବନାମ | ନକାରାତ୍ମକ ଆବେଗ<br>(Desurgency)<br>ବିଷାଦଗ୍ରସ୍ତ, ନିରାଶାବାଦୀ,<br>ମାନ୍ଦା । |
| ୬. | ସକାରାତ୍ମକ ଚରିତ୍ର<br>(Positive character)<br>ନିରାପଦ, ଅନ୍ୟ ପ୍ରତି ମନଯୋଗୀ | ବନାମ | ନିର୍ଭରଶୀଳ ଚରିତ୍ର<br>(Depardent Character)<br>ଅସ୍ଥିର, ସାମାଜିକ କାର୍ଯ୍ୟପ୍ରତି<br>ଅବହେଳା |

ଟିପ୍ପଣୀ

| | | | |
|---|---|---|---|
| ୭. | ଦୁଃସାହାସୀ ସାଇକ୍ଲୋଥିମିଆ (Adventurous cyclohymia) ଲୋକମାନଙ୍କୁ ଭେଟିବାକୁ ପସନ୍ଦ, ବିପରୀତ ଲିଙ୍ଗପ୍ରତି ଦୃଢ ଆଗ୍ରହ । | ବନାମ | ପଳାୟନପନ୍ଥୀ ସିଜୋଥିମିଆ (withdrawn Schizolthymia) ଲଜ୍ଜା, ବିପରୀତ ଲିଙ୍ଗ ପ୍ରତି ଅନାଗ୍ରହ । |
| ୮. | ସମ୍ବେଦନଶୀଳ (Sensitive) ଆବେଗିକ ନିର୍ଭରଶୀଳତା, ଅପରିପକ୍ୱତା, ପରିପକ୍ୱତା, ଗୋଷ୍ଠୀବଦ୍ଧତା, ଧ୍ୟାନ ଆକର୍ଷଣ | ବନାମ | ପରିପକ୍ୱ(Mature) ଟାଣ, ଭଙ୍ଗୀ, ସ୍ୱାଧୀନମାନ ସ୍ୱୟଂସମ୍ପୂର୍ଣ୍ଣ |
| ୯. | ସମାଜବାଦୀ, ସଂସ୍କୃତି ସମ୍ପନ୍ନ, ମାର୍ଜିତ, ସନ୍ତୁଳିତ, ରଚିତ, ଆତ୍ମ ବେଶ୍ଳେଷଣ, ସମ୍ବେଦନଶୀଳ | ବନାମ | ଅସାମାଜିକ, ଅସୁନ୍ଦର, ସମାଜିକ ବେଢଙ୍ଗିଆ ନିଷ୍ଠୁର |
| ୧୦. | ବିଶ୍ୱାସ ଯୋଗ୍ୟ, ବୋଧଗମ୍ୟ | ବନାମ | ପାରାନସିସ୍, ସନ୍ଦେହୀ, ଈର୍ଷାପର |
| ୧୧. | ବୋହମିଆଁନ, ଅସଂପୃକ୍ତ, ପ୍ରଥାବିରୁଦ୍ଧ, ପରିବର୍ତ୍ତନଶୀଳ, ଅନିୟମିତ, ଉନ୍ମାଦଗ୍ରନ୍ଥ ଅବସାଦ | ବନାମ | ପ୍ରଥାଗତ ବ୍ୟବହାରିକତା ପ୍ରଥାଗତ, ଅଣ ଆବେଗିକ |
| ୧୨. | ମାର୍ଜିତ, ଯୁକ୍ତିସଂଗତ ମସ୍ତିସ୍କ, ଶାନ୍ତ, ଅନାସକ୍ତ । | ବନାମ | ସରଳତା ଭାବପ୍ରବଣ ମସ୍ତିଷ୍କ, ଅନ୍ୟପ୍ରତି ମନଯୋଗୀ । |

### ୩. ୪. ୧ ବ୍ୟକ୍ତିତ୍ୱର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତତ୍ତ୍ୱ:

କ) ସିଗ୍‌ମଣ୍ଡ ଫ୍ରିଏଡ୍ (୧୮୫୬ - ୧୯୮) ମନସ୍ତାତ୍ତ୍ୱିକ ବିଶ୍ଳେଷଣର ସ୍ରଷ୍ଟାଥିଲେ । ତାଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତତ୍ତ୍ୱ କ୍ରିୟାଶୀଳ ଓ ଏହି ଧରଣା ଉପରେ ପର୍ଯ୍ୟବେସିତ ଯେ ବ୍ୟକ୍ତିତ୍ୱ ଏବଂ ବ୍ୟକ୍ତିତ୍ୱର ବିକାଶ ଦ୍ୱନ୍ଦ୍ୱ ଓ ଘଟଣା ଗୁଡିକ ଦ୍ୱାରା ନିର୍ଦ୍ଧାରିତ ଯାହା ଅଧିକତର ଭାବେ ଅଚେତନ ପ୍ରକୃତିର ଅଟେ ଏବଂ ଯେଉଁଟି କେବଳ ଗଭୀର ଅଧ୍ୟୟନ ଦ୍ୱାରା ବୁଝାଯାଇ ପାରିବ । ଫ୍ରଏଡଙ୍କ ବ୍ୟକ୍ତିତ୍ୱ ବିଶ୍ଳେଷଣ ଇଦ୍ (Id), ଅହଂ (Ego), ଶ୍ରେଷ୍ଠ ଅହଂ (Super Ego) ଧାରଣାକୁ ନେଇ ଗଠିତ । ବ୍ୟକ୍ତିତ୍ୱର ଏହି ପ୍ରତ୍ୟେକ ଦିଗ ଅନ୍ୟ ଦୁଇଟି ସହ ସଂପର୍କିତ । ବକ୍ତିତ୍ୱ ଇଦ୍, ଇଗୋ, ସୁପର ଇଗୋର ଏକ ତିନିସ୍ତରୀୟ ବ୍ୟବସ୍ଥା । ଇଦ୍ ସଂପୂର୍ଣ୍ଣ ଅଂଚେତନ, ଇଗୋ ଆଂଶିକ ଅବଚେତନ, ଏବଂ ସୁପର ଇଗୋ ସଂପୂର୍ଣ୍ଣ ରୂପେ ସଚେତନ । ଇଦ୍ ବ୍ୟକ୍ତିତ୍ୱର ପ୍ରାଥମିକ ଉପାଦାନ ଅଟେ । ଫ୍ରଏଡଙ୍କ ବିଶ୍ୱାସ ଯେ ଇଦ୍ ଅନ୍ଧପ୍ରକୃତି ମୂଳ ଅଟେ । ଏହାର ଯୁକ୍ତିଯୁକ୍ତ ପରିଚାଳନା ନଥାଏ । ଅବଶ୍ୟ ଦ୍ୱନ୍ଦାତ୍ମକ ଆବେଗମାନ ଏଥିରେ ପାଖାପାଖି ଥାଇପାରେ । ଇଦ୍ ନୈତିକତା ବହିର୍ଭୂତ ଅଟେ । ଏହା ମୂଲ୍ୟବୋଧର ଭାବ ଧାରଣ କରିନଥାଏ । ଏହା ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବ ନାହିଁ । ଆନନ୍ଦ ନୀତି ଦ୍ୱାରା ଏହା ସର୍ବୋତ୍ତମ ଭାବେ ଚିତ୍ରିତ ହୋଇଥାଏ ।



ଟିପ୍ପଣୀ

## ଯୌନଇଚ୍ଛା ଏବଂ ଶିଶୁମାନଙ୍କ ସମ୍ବନ୍ଧୀୟ ଯୌନଭିଳାଷ:

ଇଦ୍ ଢାଞ୍ଚାର ଯୌନଇଚ୍ଛା ହେଉଛି ସେହି ଅଂଶ ଯାହା ସଂମ୍ପୂର୍ଣ୍ଣ ଯୌନ କ୍ରିୟାରୁ ଏହାର ସନ୍ତୋଷତା ଲୋଡିଥାଏ । ଯୌନ ସନ୍ତୋଷତା ଅନ୍ୟ ସନ୍ତୋଷତା ପରି ଅଟେ ଏବଂ ବ୍ୟକ୍ତିର ଏକ ସ୍ୱାଭାବିକ ଆବଶ୍ୟକତା ରୂପେ ବିଚାର କରାଯିବା ଉଚିତ । ଫ୍ରଏଡ୍ ଏହାକୁ ଏକ ପ୍ରାଣୀର ସମ୍ପୂର୍ଣ୍ଣ ସମଷ୍ଟିଗତ ପ୍ରୟାସ ଭାବେ ବିବେଚନା କରନ୍ତି । ଫ୍ରଏଡ୍ ଗୁରୁତ୍ୱ ଆରୋପ କରନ୍ତି ଯେ ଯୌନଇଚ୍ଛା ସର୍ବଦା ପ୍ରାଣୀ ଭିତରେ ଥାଏ ଏପରିକି ଶିଶୁ ମଧ୍ୟରେ ବି । ପ୍ରତ୍ୟେକ ଶିଶୁ ଏକ ଜୈବ ନିର୍ଦ୍ଧାରିତ ଯୌନ ଉତ୍ତେଜକ ସହ ଜନ୍ମ ହୋଇଥାନ୍ତି । ଯୌନଇଚ୍ଛା ନିମ୍ନୋକ୍ତ ମଣ୍ଡଳ ମାଧ୍ୟମରେ ଉଦ୍ଦୀପିତ କରାଯାଇ ପାରିବ ।

୧ - ମୌଖିକ ମଣ୍ଡଳ (Oral Zone): ଜନ୍ମରୁ ଦୁଇବର୍ଷ ପର୍ଯ୍ୟନ୍ତ । ଏହି ସ୍ତରରେ ଶିଶୁଟି ଓଠ ଚୁଚୁମିବାରୁ ଆନନ୍ଦ ପାଏ ।

୨ - ମଳଦ୍ୱାର ସମ୍ବନ୍ଧୀୟ ମଣ୍ଡଳ (Aral Zone): ଦୁଇରୁ ତିନିବର୍ଷ ବୟସ ପର୍ଯନ୍ତ । ମଳତ୍ୟାଗ ମାଧ୍ୟମରେ ପିଲାଟି ଆନନ୍ଦ ପାଏ ।

୩ - ଜନନେନ୍ଦ୍ରିୟ ବା ପୁରୁଷଲିଙ୍ଗ ସମ୍ବନ୍ଧୀୟ ମଣ୍ଡଳ (Genital Zone or Phallic Stage): ୩ରୁ ୫ ବର୍ଷ ବୟସ, ପିଲାଟି ନିଜର ଯୌନାଙ୍ଗକୁ ସ୍ପର୍ଶକରି ସନନ୍ତୋଷତା ଲାଭ କରେ ।

୪ - ଅନ୍ତର୍ନିହିତ ସ୍ତର: ୬ବର୍ଷ ବୟସ ଠାରୁ ପ୍ରାୟ ୧୩ ବର୍ଷ ବୟସ ପର୍ଯ୍ୟନ୍ତ ଅନ୍ତର୍ନିହିତ ସ୍ତର ରହିଛି ଯେଉଁଠି ସମାଜର ଚାପ ଯୋଗୁଁ ଯୌନାଭିଳାଷ ବର୍ଜନୀୟ ହୋଇଥାଏ ।

୫ - ଦୃଢ ସଂଯୋଜନ ସ୍ତର: କୈଶୋରାବସ୍ଥାର ଏହି ସମୟରେ ସମଲିଙ୍ଗୀ ଓ ବେଷମଲିଙ୍ଗୀ ଯୌନଭିଳାଷ ବୃଦ୍ଧିପାଏ ।

ଫ୍ରଏଡ୍ ଦେଖିଲେ ଯେ ତାଙ୍କର ଅଧିକାଂଶ ରୋଗୀ ଯୌନାଭିଳାଷ ଦମନ ହେବା ଯୋଗୁଁ ଆକ୍ରାନ୍ତ ହେଉଛନ୍ତି ଯେପରି ଯୌନ ଅସନ୍ତୋଷତା । ଯୌନ ଅଭିଳାଷର ଉର୍ଦ୍ଧ୍ୱୀକରଣ ଏକ ସମନ୍ୱିତ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରେ ।

### (ଖ) ଆଲଫ୍ରେଡ୍ ଆଡଲର (୧୮୭୦ - ୧୯୩୭)

ଆଡଲରଙ୍କ ଅନୁସାରେ ଯୌନ ଆବେଗ ପରିବର୍ତ୍ତେ ସ୍ୱଦୃଢୋକ୍ତି ମୁଖ୍ୟ ପ୍ରେରଣା ଅଟେ । ଆଲଫ୍ରେଡ୍‌ଙ୍କ ତତ୍ତ୍ୱ ଯୌନ ଅଭିଳାଷର ଭୂମିକାକୁ ସୀମିତ କରିଥିଲା ଯାହାକୁ ଫ୍ରଏଡ ଅଧିକ କେନ୍ଦ୍ରୀଭୂତ କରିଥିଲେ । ଅଡଲର ଭାବିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଏକ ଅଦ୍ୱିତୀୟ ଜୀବନ ଶୈଳୀ ବିକାଶ କରିବାକୁ ପ୍ରୟାସ କରନ୍ତି ଯେଉଁଠି ଯୌନ ପ୍ରେରଣା ଏକ ଗୌଣ ଭୂମିକା ନିର୍ବାହ କରେ । ଆଡଲର ଚିନ୍ତା କରନ୍ତି ଯେ ବାଲ୍ୟାବସ୍ଥାର ଅଭାବ ଜନୀତ କାରଣ ପ୍ରାରମ୍ଭରେ ନିମ୍ନଭାବନାର ବିକାଶ ପାଇଁ ମୁଖ୍ୟତଃ ଦାୟୀ । ନିମ୍ନଭାବନା ବା ହୀନମନ୍ୟତା ଜୀବନରେ ଅପୂର୍ଣ୍ଣତା ଭାବରୁ ସୃଷ୍ଟି ହୋଇଥାଏ । ଏକ ଉଚ୍ଚତର ସ୍ତରର ବିକାଶ ନିମିତ୍ତ ପ୍ରୟାସ କରିବାକୁ ଏହା ସାହାଯ୍ୟ କରେ । ଆମ ପାଖରେ ଡିମୋସ୍ଥିନିସ୍‌ଙ୍କ ଉଦାହରଣ ରହିଛି ଯିଏକି ପିଲାରୂପେ ସବଳ ଥିଲେ କିନ୍ତୁ ପୃଥିବୀର ଜଣେ ଶ୍ରେଷ୍ଠ ବକ୍ତା ହୋଇ ପାରିଥିଲେ ସେହିପରି ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲଟ୍ ତାଙ୍କର ଯୁବକ



ଟିପ୍ପଣୀ

ଅବସ୍ଥାରେ ଦୁର୍ବଳଥିଲେ କିନ୍ତୁ ପରେ ବ୍ୟବସ୍ଥିତ ବ୍ୟାୟାମ ଦ୍ୱାରା ଜଣେ ଶାରୀରିକ ଦୃଢ ବ୍ୟକ୍ତି ହୋଇ ପାରିଥିଲେ । ହୀନମନ୍ୟତା ଭାବ ଅତିକ୍ରମ କରି ଉଚ୍ଚତର ଭାବନା ହାସଲ କରିବା ପାଇଁ ଜଣେ ବ୍ୟକ୍ତିର ବ୍ୟବହାର ତାର ଜୀବନ ଶୈଳୀ ମାଧ୍ୟମରେ ପ୍ରକାଶିତ ହୋଇଥାଏ । ଅନେକଗୁଡିଏ ଭିନ୍ନଭିନ୍ନ ଉପାୟ ଅଛି ଯାହା ମାଧ୍ୟମରେ ବ୍ୟକ୍ତି ଉଚ୍ଚ ହେବାପାଇଁ ପ୍ରୟାସ କରିପାରିବ । ଜୀବନ ଶୈଳୀ ହେଉଛି ନୀତି ଯାହା ଦ୍ୱାରା ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ କାର୍ଯ୍ୟ କରିଥାଏ । ଜୀବନ ଶୈଳୀ ଦୁଇଟି ଉପାଦାନ ଦ୍ୱାରା ଗଠିତ ଯଥା ଅନ୍ତର୍ନିହିତ ସତ୍ତା ଏବଂ ପରିବେଶ ମଧ୍ୟରେ ଥିବା ଶକ୍ତି । ଜଣେ ବ୍ୟକ୍ତିର ଜୀବନ ଶୈଳୀ ଉପରେ ପ୍ରାରମ୍ଭିକ ଜୀବନର ଅଭିଜ୍ଞତାର ଏକ ବୃହତ୍ତର ପ୍ରଭାବ ରହିଛି । ଅଡଲର ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ବଂଶାନୁକ୍ରମ ଆହରଣ ଏବଂ ନିଜର ପରିବେଶରୁ ହାସଲକରି ଥିବା ଧାରଣାରୁ ଏକ ସ୍ୱ-ସଂରଚନା ଗଠନ କରନ୍ତି । ଆଡଲର ସୂଚିତ କରନ୍ତିଯେ ଜୀବନ ଶୈଳୀ ଯାନ୍ତ୍ରିକ ହୋଇଥିବା ବେଳେ, ସୃଜନଶୀଳ ସତ୍ତା ଉଦ୍ଭାବନକ୍ଷମ ଏବଂ ପୂର୍ବରୁ କଦାପି ଉପସ୍ଥିତି ନଥିବା କେତେକ କାର୍ଯ୍ୟ ସୃଷ୍ଟିକରେ । ସୃଜନଶୀଳ ସତ୍ତା ଜୀବନକୁ ଅର୍ଥପୂର୍ଣ୍ଣ କରେ । ଏହା ପ୍ରକୃତି ଦ୍ୱାରା ପ୍ରଭାବିତ ହୋଇଥାଏ । ଆଡଲର ସାମାଜିକ କ୍ରିୟାପ୍ରତିକ୍ରିୟା ଉପରେ ଗୁରୁତ୍ୱ ଆରୋପ କରନ୍ତି । ଅନ୍ୟମାନଙ୍କ ମଙ୍ଗଳପାଇଁ କାର୍ଯ୍ୟ କରିବା ଜଣଙ୍କର ଦୁର୍ବଳତା ଏବଂ ହୀନମନ୍ୟତା କୁ ପୂରଣ କରିଥାଏ । ଏହା ତା'ଙ୍କୁ ନିଜର ଉଚ୍ଚତର ଭାବନା ପ୍ରକାଶ କରିବାରେ ସାହାଯ୍ୟ କରେ ।

### (ଗ) କାର୍ଲଜଙ୍ଗ (୧୮୭୫-୧୯୬୧)

ଅନ୍ତର୍ମୁଖୀ ଓ ବହିଃମୁଖୀ ଧାରଣା ଆଧାରରେ ବ୍ୟକ୍ତିତ୍ୱକୁ ଜଙ୍ଗ ବିଚାର କରନ୍ତି ଯାହା ଆମ ଦୈନନ୍ଦିନ କଥନର ଅଂଶବିଶେଷ ହୋଇଯାଇଛି । ଜଙ୍ଗଙ୍କ ଅନୁସାରେ ମାନସିକ କାର୍ଯ୍ୟ ଚାରୋଟି ପ୍ରଧାନ ଢାଞ୍ଚାରେ ସଂଗଠିତ ହୋଇଥାଏ: ଇନ୍ଦ୍ରିୟାନୁଭୂତି, ଚିନ୍ତନ, ପ୍ରତ୍ୟକ୍ଷବୋଧ ବ୍ୟକ୍ତିମଧ୍ୟରେ ସର୍ବଦା ଏକାସମୟରେ ଉପସ୍ଥିତ ଥାଆନ୍ତି । ଯଦି ତାଙ୍କର ପ୍ରଧାନ ମାନସିକ କାର୍ଯ୍ୟ ଚିନ୍ତନ ହୋଇଥାଏ, ତେବେ ବ୍ୟକ୍ତିର ଅଚେତନ ଅନୁଭବ ଆଡକୁ ଅଗ୍ରସର ହୋଇଥାଏ । ସେହିପରି ଇନ୍ଦ୍ରିୟାନୁଭୂତି ଓ ପ୍ରତ୍ୟକ୍ଷବୋଧ ଦୁଇଟି ବିପରୀତ କଥା ଉଭୟ ଏକା ସମୟରେ ବ୍ୟକ୍ତିମଧ୍ୟରେ ପରିଚାଳିତ ହୋଇଥାନ୍ତି ।

ବହିଃର୍ମୁଖୀ ବ୍ୟବହାରର ସାଧାରଣ ଲକ୍ଷଣ ଗୁଡିକ ହେଲା:

| ବହିଃର୍ମୁଖୀ | ଅନ୍ତର୍ମୂଖୀ |
|---|---|
| ୧. କଥନରେ ବାକପଟୁ | ୧. କଥନ ତୁଳନାରେ ଲିଖନରେ ଉତ୍ତମ |
| ୨. ଦୁଶ୍ଚିନ୍ତାରୁ ମୁକ୍ତ | ୨. ଦୁଶ୍ଚିନ୍ତା ପ୍ରତି ଆସକ୍ତି |
| ୩. ଅନ୍ୟମାନଙ୍କ ସହିତ କାମ କରିବାକୁ ଭଲପାଏ । | ୩. ଏକୁଟିଆ କାମ କରିବାକୁ ଭଲ ପାଏ । |

ଟିପ୍ପଣୀ

| ବହିଃର୍ମୁଖୀ | ଅନ୍ତର୍ମୁଖୀ |
|---|---|
| ୪. ବନ୍ଧୁତାପୂର୍ଣ୍ଣ/ମେଳାପୀ | ୪. ବରଂ ନିଜକୁ ଅପ୍ରକାଶିତ ରଖେ |
| ୫. ସହଜରେ ଅସୁବିଧାରେ ପଡନ୍ତି ନାହିଁ | ୫. ସହଜରେ ଅସୁବିଧାରେ ପଡ଼ନ୍ତି |
| ୬. କ୍ରୀଡା ପ୍ରତି ଆଗ୍ରହୀ | ୬. ପୁସ୍ତକ ଓ ପତ୍ରପତ୍ରିକା ପ୍ରତି ଆଗ୍ରହୀ |
| ୭. ବସ୍ତୁନିଷ୍ଠ ତଥ୍ୟ ଦ୍ୱାରା ପରିଚାଳିତ | ୭. ବ୍ୟକ୍ତିନିଷ୍ଠ ଅନୁଭବ ଦ୍ୱାରା ଅଧିକ ପ୍ରଭାବିତ |
| ୮. ନମନୀୟ ଓ ଅନୁକୂଳନୀୟ | ୮. ନମନୀୟତାରେ ଅଭାବ |
| ୯. ଅସୁବିଧା ଓ ବ୍ୟକ୍ତିଗତ ଆସବାବ ପ୍ରତି ଅବହେଳା | ୯. ଅସୁବିଧା ଓ ବ୍ୟକ୍ତିଗତ ଅସବାବପ୍ରତି ଯତ୍ନଶୀଳ |
| ୧୦. ଉଗ୍ର/ଆକ୍ରମଣାତ୍ମକ | ୧୦. ଆଜ୍ଞାବହ |
| ୧୧. ଅବିବେକି | ୧୧. ବିବେକି/ନିୟମନିଷ୍ଠ |
| ୧୨. ଲୋକମାନଙ୍କ ସହ ପରିଚିତ | ୧୨. ଲୋମମାନଙ୍କ ସହ ପରିଚିତ ନୁହେଁ |

ଅଧିକାଂଶ ବ୍ୟକ୍ତି ଉଭୟ ଅନ୍ତର୍ମୁଖୀ ଓ ବହିର୍ମୁଖୀ ଲକ୍ଷଣ ପ୍ରଦର୍ଶନ କରନ୍ତି ଏବଂ ସେହି ଅନୁସାରେ ସେମାନେ ନିର୍ଦ୍ଦିଷ୍ଟ ମନୋଭାବ ନଥିବା ବକ୍ତିଭାବେ ବିବେଚିତ ହୁଅନ୍ତି ।

ଯେଉଁଠାରେ ଅନେକଗୁଡିଏ ଦ୍ୱନ୍ଦ୍ୱାତ୍ମକ ଓ ବହୁବିଧ ପ୍ରବୃତ୍ତି କାର୍ଯ୍ୟକରେ, ସ୍ପଷ୍ଟଭାବେ, ସେଠାରେ ଏକ ପାଖିଆ ବିକାଶର ଅଧିକତ୍ତର ବିପଦ ଥାଏ । ବ୍ୟକ୍ତିର ବ୍ୟକ୍ତିତ୍ୱର ଗୋଟିଏ ଦିଗ ଆଧିପତ୍ୟ ବିସ୍ତାର କରେ ଏବଂ ଅନ୍ୟଦିଗଗୁଡ଼ିକୁ ସଂପୂର୍ଣ୍ଣରୂପେ ଅଚ୍ଛାଦିତ କରିଦିଏ । ଜଙ୍ଗ ବିଶ୍ୱାସ କରନ୍ତି ଯେ ସଚେତନ ଅହଂ, ବ୍ୟକ୍ତିଗତ ଅଚେତନତା ଏବଂ ସମଷ୍ଟିଗତ ଅଚେତନତା ଭଳି ତିନୋଟି ଉପାଦାନକୁ ନେଇ ସମଗ୍ର ବ୍ୟକ୍ତିତ୍ୱ ଗଠିତ ।

୧. ସଚେତନ ଅହଂ: ବସ୍ତୁତଃ ଏହା 'ହେବା' ର ଭାବକୁ ସୂଚିତ କରେ ଯାହା ଚିନ୍ତା କରିବାର ସଚେତନ ଦିଗ, ଅନୁଭବ କରିବା ଏବଂ ପୁନଃସ୍ମରଣ କରିବା ଆଦିକୁ ଅନ୍ତର୍ଭୁକ୍ତ କରିଥାଏ ।

୨. ବ୍ୟକ୍ତିଗତ ଅଚେତନତା: ଏହା ବ୍ୟକ୍ତିର ପ୍ରଶମିତ ଓ ଅବଦମିତ ଅଭିଜ୍ଞତାଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ ଯାହା ସଚେତନତା ପ୍ରତି ସୁଗମ, କରିଥାଏ । ଏହା ମଧ୍ୟ ବ୍ୟକ୍ତିର ଅଭିଜ୍ଞତା ଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ଯାହା ତା' ନିଜର ସାମାଜିକ ପରିବେଶରେ ଥାଏ ।

୩. ସମଷ୍ଟିଗତ ଅଚେତନତା: ଏହା ପୁରାତନ ପ୍ରକୃତିର ଅଟେ । ଏହା ହେଉଛି ଭଣ୍ଡାର ଯେଉଁଠାରୁ ଅନ୍ୟସମସ୍ତ ବ୍ୟବସ୍ଥା ବାହାରିଥାଏ ।

ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ - ୨

ବ୍ୟକ୍ତିତ୍ୱର ଯେ କୌଣସି ଦୁଇଟି ତତ୍ତ୍ୱର ନାମ ଓ ସଂକ୍ଷିପ୍ତ ବର୍ଣ୍ଣନା କର ?

______________________________

______________________________

______________________________

______________________________

## ୩. ୫. ବ୍ୟକ୍ତିତ୍ୱର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତତ୍ତ୍ୱ

ଏହି ଭାଗରେ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ କିପରି ବିକଶିତ ହୋଇପାରିବ ସେ ସଂପର୍କରେ ଆମେ ଆଲୋଚନା କରିବା ।

### ୩.୫.୧ ଆତ୍ମପ୍ରତ୍ୟୟ:

ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ତା'ନିଜ ବିଷୟରେ ନିଜର ମତାମତ ଉପରେ ଅଧିକ ଭାବେ ନିର୍ଭରଶୀଳ । ଏକ ସକାରାତ୍ମକ ଅତ୍ମପ୍ରତ୍ୟୟର ଆବିର୍ଭାବ ପ୍ରାୟତଃ ଏକ ଉତ୍ତରମ ସୁସଙ୍ଗତ ଭାବେ ବିକଶିତ ବ୍ୟକ୍ତିତ୍ୱକୁ ଆଗେଇ ନେଇଥାଏ । ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ସକାରାତ୍ମକ ଆତ୍ମପ୍ରତ୍ୟୟ ବିକାଶ ନିମିତ୍ତ ପିଲାମାନେ ପ୍ରଥମରୁ ପ୍ରସ୍ତୁତ ହୋଇଥାନ୍ତି । ପିଲାର ଆବୋଧ ବା ନିଜ ବିଷୟରେ ମତାମତକୁ ଆତ୍ମପ୍ରତ୍ୟୟ କୁହାଯାଏ । (ନିମ୍ନ ଚିତ୍ରକୁ ଦେଖନ୍ତୁ) ପରିବେଶର ଯେଉଁ ଅଂଶରେ ସେ ବାସ କରେ ତାହା ଘଟଣା ସମ୍ବନ୍ଧୀୟ ସତ୍ତା ଭାବରେ ପରିଚିତ ଏବଂ ପରିବେଶର ଅବଶିଷ୍ଟ ଭାଗ ଯାହା ସହ ସେ ସଚେତନ ବା ଯାହା ପ୍ରତି ସେ ପ୍ରତିକ୍ରିୟା ପ୍ରକାଶକରେ ତାହାକୁ ଘଟଣା ସମ୍ବନ୍ଧୀୟ ପରିବେଶ ବା ଇନ୍ଦ୍ରୀୟଗ୍ରାହ୍ୟ ପରିବେଶ କୁହାଯାଏ ଓ ଏହା ସ୍ୱୟଂ ସତ୍ତା ନୁହେଁ । ଆତ୍ମପ୍ରତ୍ୟୟ ହେଉଛି ତାହା, ଯାହା ବ୍ୟକ୍ତି ନିଜ ବାସ୍ତବ ସତ୍ତା ସମ୍ପର୍କରେ ଚିନ୍ତା କରେ ଯେପରି "ଏହା ମୁଁ" ।



ଏକ ନବଜାତ ଶିଶୁ ପୃଥିବୀକୁ ଅସ୍ପଷ୍ଟ ବସ୍ତୁରୂପେ ବିବେଚନା କରେ। ଯେତେବେଳେ ସେ ବୟସରେ ବଢେ, ସେ ପୃଥକ କରିବାକୁ ଆରମ୍ଭ କରେ। ଧୀରେଧୀରେ ସେ ନିଜର ଜିନିଷଗୁଡିକ ମଧ୍ୟରେ ପାର୍ଥକ୍ୟ ନିରୂପଣ କରେ। ପରିପକ୍ୱତା ଆଧାରରେ ନିଜ ଉପଲବ୍ଧିର ପରିବର୍ତ୍ତନ ଘଟେ। ଉପଲବ୍ଧିର ପରିବର୍ତ୍ତନ ସହ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଘଟେ। ପ୍ରଶଂସା ଓ ନିନ୍ଦା, ପୁରସ୍କାର ଓ ଦଣ୍ଡ ଏବଂ ଶିକ୍ଷକଙ୍କ ବ୍ୟକ୍ତିତ୍ୱ ପିଲାର ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରେ। ସକାରାତ୍ମକ ଆତ୍ମପ୍ରତ୍ୟୟ ବିକାଶ ନିମିତ୍ତ ବଡ଼ ଲୋକମାନଙ୍କ ଜୀବନୀ ଅଭିପ୍ରେରଣା ପ୍ରଦାନ କରେ ଏବଂ ସେଥିପାଇଁ ସେମାନଙ୍କର ଜୀବନୀକୁ ଅଧ୍ୟୟନ କରିବାକୁ ଶିକ୍ଷାର୍ଥୀ ମାନଙ୍କୁ କୁହାଯିବା ଉଚିତ। ତେଣୁ ବାସ୍ତବ ଲକ୍ଷ୍ୟ ନିର୍ଦ୍ଧାରଣ କରିବାରେ ଶିକ୍ଷକ ସେମାନଙ୍କୁ ମାର୍ଗଦର୍ଶନ କରିବା ଉଚିତ ଯାହା ସେଗୁଡ଼ିକୁ ହାସଲ କରିବାକୁ ସେମାନଙ୍କର ସାମର୍ଥ୍ୟ ଭିତ୍ତିକ ହୋଇଥିବା ଦରକାର। ଅବାସ୍ତବ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ପ୍ରାୟତଃ ନୈରାଶ୍ୟ ଓ ହତାଶା ଭାବକୁ ବିକଶିତ କରିଥାଏ।

**୩.୫.୨ ଅଭିପ୍ରେରଣା:**

"ଏକ ବା ଏକାଧିକ ଫଳାଫଳ ଉତ୍ପନ୍ନ ନିମିତ୍ତ କାର୍ଯ୍ୟ କରିବାର ପ୍ରବୃତ୍ତିକୁ ଉଦ୍ରେକ କରିବା" କୁ 'ମୋଟିଭେସନ୍' ଶବ୍ଦ ସୂଚିତ କରିଥାଏ। କାର୍ଯ୍ୟକୁ ଉଦ୍ରେକ କରିବା, ଧରିରଖିବା ଓ ନିୟନ୍ତ୍ରଣ କରିବା ପ୍ରକ୍ରିୟାକୁ ଅଭିପ୍ରେରଣା କୁହାଯାଏ।

**ଶ୍ରେଣୀଗୃହର ଅଭିପ୍ରେରଣା: ବିଭିନ୍ନ କୌଶଳ ସମୂହ:**

ଶ୍ରେଣୀଗୃହ ଶିକ୍ଷଣରେ ଶିକ୍ଷାର୍ଥୀମାନେ ଶିକ୍ଷକଙ୍କଠାରୁ ନିରନ୍ତର ଅଭିପ୍ରେରଣା ଆବଶ୍ୟକ କରନ୍ତି ଯାହା ଫଳରେ ସେମାନଙ୍କ ଅଭିପ୍ରେରଣାର ବିକାଶ ନିମିତ୍ତ ସେମାନଙ୍କ ପ୍ରତିଭାର ସର୍ବୋତ୍ତମ ବ୍ୟବହାର କରାଯାଇ ପାରେ। ଯେହେତୁ ପ୍ରତ୍ୟେକ ପିଲା ସେମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ଭିନ୍ନ, ସେମାନଙ୍କ ବ୍ୟକ୍ତିତ୍ୱର ଢାଞ୍ଚା ଏବଂ ସାମଜିକ ଆର୍ଥୀକ ପୃଷ୍ଠଭୂମି ଅନୁସାରେ ଶିକ୍ଷକ ସେମାନଙ୍କ ଅଭିପ୍ରେରଣ କୌଶଳ ଗୁଡିକୁ ଭିନ୍ନଭିନ୍ କରିବାକୁ ହେବ ଏବଂ ସେଗୁଡ଼ିକୁ ବୁଦ୍ଧିମାନ ଭାବେ ବ୍ୟବହାର ମଧ୍ୟ କରିବାକୁ ହେବ। ଅନ୍ୟ ପକ୍ଷରେ ସମସ୍ତ ଶିକ୍ଷାର୍ଥୀ ଲକ୍ଷ୍ୟ ଆଡକୁ ଅଗ୍ରସର ହେବା ଉଚିତ ଯାହା ବିଷୟରେ ସେ ସଚେତନ ଏବଂ ହାସଲ କରିବାକୁ ଚାହିଁବ। ଦ୍ୱିତୀୟତଃ ଲକ୍ଷ୍ୟ ପ୍ରତ୍ୟେକ ଶିକ୍ଷାର୍ଥୀର ପହଞ୍ଚିବା ସ୍ତର ମଧ୍ୟରେ ରହିବା ଉଚିତ ଏବଂ ଏହା ହାସଲ ଯୋଗ୍ୟ ରୂପେ ପ୍ରତୀୟମାନ ହେବା ଉଚିତ। ତୃତୀୟତଃ ସେ ନିଜର ଏହି ଲକ୍ଷ୍ୟଗୁଡିକୁ ହାସଲ କରିପାରିବ କି ନାହିଁ ତାହା ବିଚାର କରିବାରେ ସମର୍ଥ ହେବା ଉଚିତ। ଚତୁର୍ଥତଃ ଜଣେ ଶିକ୍ଷକ ଅଭିପ୍ରେରଣାର ଗୋଟିଏ କୌଶଳକୁ ଅନମନୀୟ ଓ କଠୋର ଭାବେ ପାଳନ କରିବା ଉଚିତ ନୁହେଁ, କିନ୍ତୁ ସେ ସମସ୍ତ କୌଶଳ ଗୁଡିକର ବୁଦ୍ଧିମାନ ଓ ବିଜ୍ଞାନ ସମ୍ମତ ବ୍ୟବହାର କରିବା ଉଚିତ।

**୧. ଆକର୍ଷଣୀୟ ଭୌତିକ ଏବଂ ପରିବେଶଗତ ସ୍ଥିତି:**

ସର୍ବପ୍ରଥମେ ଶିକ୍ଷକ ଶ୍ରେଣୀଗୃହର ଭୌତିକ ସ୍ଥିତି ହାସଲ କରିବା ଉଚିତ। ଶ୍ରେଣୀଗୃହ ଭିତରେ ଏବଂ ଚାରିପାଖରେ କୌଣସି ବିଭ୍ରାନ୍ତିକର ଉପାଦାନ ରହିବା ଉଚିତ ନୁହେଁ। ଗଣ୍ଡଗୋଳ, ତୀବ୍ର ଆଲୋକ, ଅନାବଶ୍ୟକ ଦୃଶ୍ୟମାନ ଅନେକ ସମୟରେ ଧ୍ୟାନ ଆକର୍ଷଣ କରିଥାଏ ଏବଂ ଆଗ୍ରହରେ ବାଧା ଦିଏ। ଅସ୍ୱାଭାବିକ ତାପମାତ୍ରା ମଧ୍ୟ ବିବ୍ରତ କଳାଭଳି ଏକ ଉପାଦାନ। ନୀରସତା



ଟିପ୍ପଣୀ

ବିରକ୍ତିକର ଭାବ ସୃଷ୍ଟି କରେ ।

ଶ୍ରେଣୀଗୃହ ଉପଯୁକ୍ତ ଭାବେ ବାୟୁଚଳାଚଳ ଏବଂ ରୁଚି ସମ୍ପନ୍ନ ସାଜସଜା ହୋଇଥିବା ଉଚିତ । ବିଦ୍ୟାଳୟ ପରିସରରେ ଫୁଲଗଛର କୁଣ୍ଡମାନ ନିଶ୍ଚିତ ରହିବା ଦରକାର । ପରିଷ୍କାର ପରିଚ୍ଛନ୍ନତା ଉପରେ ପର୍ଯ୍ୟାପ୍ତ ଗରୁତ୍ୱ ଦିଆଯିବା ଉଚିତ ।

**୨. ଅନ୍ତର୍ନିହିତ ପ୍ରେରଣାର ପରିପ୍ରକାଶ:**

ଛୋଟ ପିଲାମାନଙ୍କର ଅଧିକାଂଶ ବ୍ୟବହାର ସେମାନଙ୍କ ଅନ୍ତର୍ନିହିତ ପ୍ରେରଣା ଦ୍ୱାରା ନେର୍ଦ୍ଦେଶିତ ହୋଇଥାଏ । ସ୍ୱଭାବତଃ ପିଲାମାନେ ଅତ୍ୟନ୍ତ କୌତୁହଳୀ । ସେମାନେ ଅନେକ କଥା କରିବାକୁ ଭଲ ପାଆନ୍ତି । ପ୍ରତ୍ୟେକ ନୂଆ ଓ ରୋମାଞ୍ଚକର କଥାସବୁ ସେମାନଙ୍କୁ ଆକର୍ଷିତ କରେ । ଜଣେ ପ୍ରଭାବଶାଳୀ ଶିକ୍ଷକ କୌତୁହଳତାର ବେଗକୁ ଉଦ୍ଦୀପିତ କରିପାରିବେ । ସେ ସର୍ବଦା ପାଠର କେତେକ ଅତି ନୂଆ ଏବଂ ରୋମାଞ୍ଚକର ଦିଗ ପ୍ରଦର୍ଶିତ କରି ପାଠ ଆରମ୍ଭ କରିବେ । ଜିନିଷ ମାନ ଗଢି ଓ ସୃଷ୍ଟି କରି ଶିଖିବା ପାଇଁ ପିଲାମାନଙ୍କୁ ଶିକ୍ଷକ ଉତ୍ସାହିତ କରିବା ଉଚିତ ।

**୩. ଶିକ୍ଷକଙ୍କ ଦ୍ୱାରା ଉଦ୍ଦୀପକରେ ଭିନ୍ନତା:**

ସାଧାରଣତଃ ଏହା ପରିଲକ୍ଷିତ ହୋଇଛି ଯେ ପିଲାମାନେ ଗୋଟିଏ କାର୍ଯ୍ୟରେ ଅଧିକ ସମୟ ପାଇଁ ନିଜକୁ ଜଡିତ କରିବାରେ ସମର୍ଥ ହୁଅନ୍ତି ନାହିଁ । ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର କାର୍ଯ୍ୟକାରିତା ଶିକ୍ଷକଙ୍କ ବ୍ୟବହାର ଦ୍ୱାରା ବ୍ୟବହୃତ ଉଦ୍ଦୀପକର ଭିନ୍ନତା ଉପରେ ଅଧିକ ପରିମାଣରେ ନିର୍ଭର କରେ । ଶ୍ରେଣୀଗୃହରେ ଶିକ୍ଷକଙ୍କ କେତେକ ସାଧାରଣ ବ୍ୟବହାର ଯାହା ଭିନ୍ନତା ପରିସରଭୁକ୍ତ ହୋଇଥାଏ ।

୧. ଶିକ୍ଷକଙ୍କ ଚାଲିଚଳନ

୨. ଶିକ୍ଷକଙ୍କ ଅଙ୍ଗଭଙ୍ଗୀ

୩. କଥନ ଢଙ୍ଗରେ ପରିବର୍ତ୍ତନ

୪. ଇନ୍ଦ୍ରିୟାନୁଭୂତିରେ ପରିବର୍ତ୍ତନ

୫. ଶିକ୍ଷକଙ୍କ ଠାଣୀ/ଢଙ୍ଗ

**୪. ପୁନର୍ବଳନ: ପ୍ରଶଂସା ଓ ନିନ୍ଦା**

ଏହା ନିମ୍ନୋକ୍ତ ରୂପେ ବିଭାଗୀକରଣ ହୋଇପାରେ:-

(କ) ସକାରାତ୍ମକ ବାଚନିକ ପୁନର୍ବଳନ - ଜଣେ ଶିକ୍ଷାର୍ଥୀର ଉତ୍ତର ଅନୁସରଣ କରି ଶିକ୍ଷକ 'ଭଲ', 'ସୁନ୍ଦର', 'ଅତିଭଲ', 'ଠିକ୍' ଇତ୍ୟାଦି ଶବ୍ଦମାନ ବ୍ୟବହାର ଦ୍ୱାରା ଶିକ୍ଷାର୍ଥୀର ଉତ୍ତରରେ ଖୁସିର ବାଚନିକ ସୂଚନା ଦେଇଥାନ୍ତି ।

(ଖ) ସକାରାତ୍ମକ ଅଣବାଚନିକ ପୁନର୍ବଳନ: ଏହା ଅନ୍ତର୍ଭୁକ୍ତ କରେ-

- ମୁଣ୍ଡ ହଲାଇବା ଏବଂ ସ୍ମିତ ହାସ୍ୟ

ଟିପ୍ପଣୀ

- ଶିକ୍ଷାର୍ଥୀ ପ୍ରତି ଶିକ୍ଷକଙ୍କ ବନ୍ଧୁତାପୂର୍ଣ୍ଣ ଚାଲିଚଳନ
- ଶିକ୍ଷକଙ୍କ ବନ୍ଧୁତାପୂର୍ଣ୍ଣ ଚାହାଣୀ
- ଶିକ୍ଷାର୍ଥୀଙ୍କ ଉତ୍ତରକୁ ଶିକ୍ଷକ କଳାପଟାରେ ଲେଖିବା

(ଗ) ନକାରାତ୍ମକ ଅଣବାଚନିକ - ଏହା ଅଙ୍ଗଭଙ୍ଗୀ, ଘୃଣାପୂର୍ଣ୍ଣ ହସ, ଭୃକୁଞ୍ଚନ, ବିରକ୍ତି ପରିପ୍ରକାଶ, ଅଧୈର୍ଯ୍ୟ ଆଦିକୁ ଅନ୍ତର୍ଭୁକ୍ତ କରିଥାଏ ।

(ଘ) ନକରାତ୍ମକ ବାଚନିକ: ନାହିଁ, ଭୁଲ୍, ଖରାପ୍, ଅବଶ୍ୟ ନୁହେଁ, ଭଲ ନୁହଁ ଆଦିକୁ ଏହା ଅନ୍ତର୍ଭୁକ୍ତ କରିଥାଏ ।

**୫. ବାହ୍ୟ ଶିକ୍ଷଣ ପରୁସ୍କାର ଓ ଦଣ୍ଡ:**

ପୁରସ୍କାର ଓ ଦଣ୍ଡଦେବା ପ୍ରକ୍ରିୟା ପୁନର୍ବଳନ ଭାବରେ ପରିଚିତ । ପୁରସ୍କାର, ଭୌତିକ ବା ସାଙ୍କେତିକ ଏବଂ ମନସ୍ତାତ୍ତ୍ୱିକ ହୋଇପାରେ, ଯାହା ପିଲାର ସୁରକ୍ଷା, ଆପଣାର ଭାବ ଓ ଆତ୍ମସମ୍ମାନ ବୋଧ ଆବଶ୍ୟକତାର ଅଭିବୃଦ୍ଧି ଓ ତୃପ୍ତି ସାଧନ କରିଥାଏ ଏବଂ ଏହି ପରି ଭାବେ ଏକ ପ୍ରୋତ୍ସାହକ ରୂପେ କାର୍ଯ୍ୟ କରେ । ଗରିବ ପିଲାମାନଙ୍କ ପାଇଁ ଭୌତିକ ପୁରସ୍କାର ଉତ୍ତମରୂପେ କାର୍ଯ୍ୟ କରିଥାଏ ବୋଲି ମନେ ହୁଏ ଏବଂ ସାଙ୍କେତିକ ପୁରସ୍କାର ସେହିପରି ଧନୀକ ଘରର ପିଲାମାନଙ୍କ ପାଇଁ ଉତ୍ତମ ରୂପେ କାର୍ଯ୍ୟ କରିଥାଏ ।

**୬. ଆନନ୍ଦ ଓ ଯନ୍ତ୍ରଣା:**

ସର୍ବପୁରାତନ ବ୍ୟବହାର ତତ୍ତ୍ୱ ଅନୁସାରେ ଆନନ୍ଦଦାୟକ ଅନୁଭୂତି ଯାହା ସନ୍ତୋଷ ପ୍ରଦାନ କରେ ତାହା ପରବର୍ତ୍ତୀ ସମୟରେ ଖୋଜା ଯାଉଥିବା ବେଳେ, ଯନ୍ତ୍ରଣାଦାୟକ ଅନୁଭୂତିଠାରୁ ଜଣେ ବ୍ୟକ୍ତି ଦୂରେଇ ରହେ । ଶ୍ରେଣୀଗୃହ ଶିକ୍ଷାଦାନ ଶିକ୍ଷଣରେ ଏହି ତତ୍ତ୍ୱର ପ୍ରତ୍ୟକ୍ଷ ଉପାଦେୟତା ରହିଛି । ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଆନନ୍ଦଦାୟକ ଓ ସନ୍ତୋଷମୂଳକ ଅଭିଜ୍ଞତା ନିଶ୍ଚିତ ପ୍ରଦାନ କରିବା ଆବଶ୍ୟକ ଯାହାଫଳରେ ପରବର୍ତ୍ତୀ ଶିକ୍ଷଣପାଇଁ ସେମାନେ ଅଭିପ୍ରେରିତ ହେବେ ।

**୭. ହାସଲ ଯୋଗ୍ୟ ଲକ୍ଷ୍ୟ:**

ପ୍ରତ୍ୟେକ ପାଠରେ ପହଞ୍ଚିବା ଭଳି ଏକ ଲକ୍ଷ୍ୟ ରହିବା ଉଚିତ । ଏହାପରେ କେବଳ ଶିକ୍ଷାର୍ଥୀମାନେ ଏକ ନିର୍ଦ୍ଦିଷ୍ଟ ଦିଗରେ ପ୍ରଚେଷ୍ଟା ଜାରି ରଖିବା ପାଇଁ ପ୍ରୟାସ କରିପାରିବେ । ଶିକ୍ଷାର୍ଥୀମାନଙ୍କୁ ନିଶ୍ଚିତ ଭାବେ ଲକ୍ଷ୍ୟ ସ୍ପଷ୍ଟରୂପେ ପ୍ରତୀୟମାନ ହେବା ଆବଶ୍ୟକ ।

**୮. ସଫଳ ଅଭିଜ୍ଞତା:**

ଗୋଟିଏ କାର୍ଯ୍ୟକୁ ଧରି ରଖିବାକୁ ସଫଳ ଅଭିଜ୍ଞତା ଶିକ୍ଷାର୍ଥୀକୁ ଅଭିପ୍ରେରିତ କରିଥାଏ । ତେଣୁ ଶିକ୍ଷକ ବିଦ୍ୟାଳୟ ଉଭୟ ଶୈକ୍ଷିକ ଏବଂ ସହ ଶୈକ୍ଷିକ କାର୍ଯ୍ୟଗୁଡିକୁ ପର୍ଯ୍ୟାପ୍ତଭାବେ ଭିନ୍ନଭିନ୍ନ କରିବା ଉଚିତ ଯାହା ଫଳରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ନିଜ ସ୍ତରରେ ସଫଳ ଅଭିଜ୍ଞତା ହାସଲ କରିବାର ଏକ ସୁଯୋଗ ରହିବ । ଶିକ୍ଷଣର ସମସ୍ତ ସ୍ତରରେ ବିଶେଷତଃ ପାରମ୍ଭିକ ଏବଂ ଅତି କ୍ଲିଷ୍ଟ ସ୍ତରରେ ବାରମ୍ବାର ଓ ନିୟମିତ ସଫଳ ଅଭିଜ୍ଞତା ବା ପୁନର୍ବଳନ ଶିକ୍ଷକ ନିଶ୍ଚିତ କରିବା ଆବଶ୍ୟକ ।

ଟିପ୍ପଣୀ

**୭. ହାସଲ ଯୋଗ୍ୟ ଲକ୍ଷ୍ୟ:**

ପ୍ରତ୍ୟେକ ପାଠରେ ପହଞ୍ଚିବା ଭଳି ଏକ ଲକ୍ଷ୍ୟ ରହିବା ଉଚିତ। ଏହାପରେ କେବଳ ଶିକ୍ଷାର୍ଥୀମାନେ ଏକ ନିର୍ଦ୍ଦିଷ୍ଟ ଦିଗରେ ପ୍ରଚେଷ୍ଟା ଜାରି ରଖିବା ପାଇଁ ପ୍ରୟାସ କରିପାରିବେ। ଶିକ୍ଷାର୍ଥୀମାନଙ୍କୁ ନିଶ୍ଚିତ ଭାବେ ଲକ୍ଷ୍ୟ ସ୍ପଷ୍ଟରୂପେ ପ୍ରତୀୟମାନ ହେବା ଆବଶ୍ୟକ।

**୮. ସଫଳ ଅଭିଜ୍ଞତା:**

ଗୋଟିଏ କାର୍ଯ୍ୟକୁ ଧରିରଖିବାକୁ ସଫଳ ଅଭିଜ୍ଞତା ଶିକ୍ଷାର୍ଥିକୁ ଅଭିପ୍ରେରିତ କରିଥାଏ। ତେଣୁ ଶିକ୍ଷକ ବିଦ୍ୟାଳୟ କାର୍ଯ୍ୟ ଉଭୟ ଶୈକ୍ଷିକ ଏବଂ ସହ ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ ପର୍ଯ୍ୟାପ୍ତ ଭାବେ ଭିନ୍ନ ଭିନ୍ନ କରିବା ଉଚିତ ଯାହା ଫଳରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ନିଜ ସ୍ତରରେ ସଫଳ ଅଭିଜ୍ଞତା ହାସଲ କରିବାର ଏକ ସୁଯୋଗ ରହିବ। ଶିକ୍ଷଣର ସମସ୍ତ ସ୍ତରରେ ବିଶେଷତଃ ପ୍ରାରମ୍ଭିକ ଏବଂ ଅତ କ୍ଲିଷ୍ଟ ସ୍ତରରେ ବାରମ୍ବାର ଓ ନିୟମିତ ସଫଳ ଅଭିଜ୍ଞତା ବା ପୁନର୍ବଳନ ଶିକ୍ଷକ ନିଶ୍ଚିତ କରିବା ଆବଶ୍ୟକ।

**୯. ପ୍ରତିଯୋଗିତା ଓ ସହଯୋଗ:**

କାର୍ଯ୍ୟ ନିମିତ୍ତ ପ୍ରତିଯୋଗିତା ଏକ ଉପକରଣ ସଦୃଶ। କିନ୍ତୁ ବ୍ୟକ୍ତିଗତ ପ୍ରତିଯୋଗିତାରେ ପ୍ରାୟତଃ ଅସମାନତା ହୋଇଥାଏ ଏବଂ ସେହି ଦୃଷ୍ଟିରୁ ଏହା କେତେକ ଶିକ୍ଷାର୍ଥୀଙ୍କ ପାଇଁ ଧମକପୂର୍ଣ୍ଣ ହୋଇଥାଏ। ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ସଫଳତା ଓ ବିଫଳତା ବିନିମୟର ବିସ୍ତୃତିକୁ ସମ୍ଭବ କରିଥାଏ। ସହଯୋଗ ମଧ୍ୟ ଅଭିପ୍ରେରଣା ପ୍ରଦାନ କରେ କାରଣ ଏହା ଶିକ୍ଷାର୍ଥୀମାନଙ୍କ ସାମାଜିକ ପରିସ୍ଥିତି ପ୍ରଦାନ କରେ ଯେତେବେଳେ ସେମାନେ ସେମାନଙ୍କର ସ୍ୱୀକୃତି ଓ ଆପଣାର ଆବଶ୍ୟକତାର ତୃପ୍ତିଲାଭ କରନ୍ତି।

**୧୦. ଅଗ୍ରଗତି ସଂପର୍କିତ ଜ୍ଞାନ:**

ଶିକ୍ଷାର୍ଥୀଙ୍କ ଅଗ୍ରଗତି ସଂପର୍କିତ ସେମାନଙ୍କର ଜ୍ଞାନ, ସେମାନେ ଲକ୍ଷ୍ୟ ଆଡ଼କୁ କେତେ ଭଲ ଭାବରେ ଅଗ୍ରସର ହେଉଛନ୍ତି, ତାହା ହେଉଛି ଏକ ଅତି ଫଳପ୍ରଦ ଅଭିପ୍ରେରଣା। ଏହା ମଧ୍ୟ ସେମାନଙ୍କୁ ବୃହତ୍ତର ପ୍ରଚେଷ୍ଟା କରିବାକୁ ସାହଯ୍ୟ କରେ। ବ୍ୟକ୍ତିଗତ ଅଗ୍ରଗତି ଫର୍ଦ୍ଦ ଯେ କେବଳ ପିଲାକୁ ସେ କିପରି କାର୍ଯ୍ୟ କରୁଛି ତାହା ଜଣାଇ ନଥାଏ ବରଂ ପିଲାଟିକୁ ଶିକ୍ଷଣ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରି ରଖିଥାଏ।

**୧୧. ନୂତନତ୍ୱ:**

ସ୍ୱ-ବାସ୍ତବତା ଦିଗରେ ପ୍ରଚେଷ୍ଟା ଶିକ୍ଷାର୍ଥୀମାନଙ୍କୁ ନୂଆ ଓ ଭିନ୍ନ ଅନ୍ୱେଷଣରେ ପ୍ରସ୍ତୁତ କରେ। କ୍ଷେତ୍ର ଭ୍ରମଣ, ପରିଭ୍ରମଣ, ଅଭିନୟ, କ୍ରୀଡ଼ା, ସାହିତ୍ୟିକ କାର୍ଯ୍ୟକ୍ରମ ଇତ୍ୟାଦି ଶିକ୍ଷାର୍ଥୀ ମାନଙ୍କୁ ସୁଯୋଗ ପ୍ରଦାନ କରି ସ୍ୱ-ବାସ୍ତବତା ନିମିତ୍ତ ଶିକ୍ଷାର୍ଥୀଙ୍କ ଆବଶ୍ୟକତାଗୁଡ଼ିକୁ ନିରାପଦ ରଖେ। କିନ୍ତୁ ସେମାନଙ୍କର ନିରାପତ୍ତା ଆବଶ୍ୟକତା ଆବଶ୍ୟକ କରେ ଯେ ସେମାନଙ୍କୁ କେତେବେଳେ ଓ କିପରି ନୂଆ ଅଭିଜ୍ଞତା ପ୍ରଦାନ କରାଯିବ ତାହା ସେମାନେ ବହୁ ପୂର୍ବରୁ ଜାଣିବା ଉଚିତ।

**୧୨. ଶିକ୍ଷାର୍ଥୀ ମାନଙ୍କ ବ୍ୟକ୍ତିଗତ ପାର୍ଥକ୍ୟ:**

ପିଲାମାନଙ୍କର ଭିନ୍ନଭିନ୍ନ ଆଗ୍ରହ ଏବଂ ସାମର୍ଥ୍ୟମାନ ଥାଏ। ସବୁ ସମୟରେ ସବୁ ପାଠପାଇଁ

ସବୁ ପିଲା ଏକ ପ୍ରକାର ଭାବରେ ଅଭିପ୍ରେରିତ ହୋଇପାରିବେ ନାହିଁ । ଶିକ୍ଷାର୍ଥୀମାନଙ୍କର ବ୍ୟକ୍ତିଗତ ଆଗ୍ରହ ଓ ସାମର୍ଥ୍ୟକୁ ଆବିଷ୍କାର କରି ସେହି ଅନୁସାରେ ଅଭିପ୍ରେରିତ କରିବା ଶିକ୍ଷକଙ୍କର କର୍ତ୍ତବ୍ୟ ଅଟେ ।

୧୩. **ଶିକ୍ଷାଦାନ କୌଶଳ:**

ଶିକ୍ଷକଙ୍କର ଶିକ୍ଷାଦାନ କୌଶଳ ବହୁଭାବରେ ଅଭିପ୍ରେରଣାକୁ ପ୍ରଭାବିତ କରେ । ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କୁ ଅଭିପ୍ରେରିତ କରିବାରେ ଅନ୍ତର୍ଭୁକ୍ତ ଶିକ୍ଷାଦାନ କୌଶଳର ସଠିକ ସଂଖ୍ୟା ପ୍ରଦାନ କରିବା ସହଜ ନୁହେଁ । ସାଧାରଣ ଭାବେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା କୌଶଳ ଗୁଡିକୁ ନିମ୍ନରୂପେ ତାଲିକା କରିଯାଇପାରେ:

(କ) ପ୍ରସଙ୍ଗ ଉପସ୍ଥାପନ କରିବାର କୌଶଳ

(ଖ) ପ୍ରଶ୍ନପଚାରିବାର କୌଶଳ

(ଗ) ଶିକ୍ଷାର୍ଥୀମାନଙ୍କ ଉତ୍ତରଗୁଡିକୁ ପରିଚାଳନା କରିବାର କୌଶଳ

(ଘ) ଉଦ୍ଦୀପକରେ ଭିନ୍ନତା ଆଣିବାର କୌଶଳ

(ଙ) କଳାପଟା ବା ଚକ୍ ବୋର୍ଡ ବ୍ୟବହାର କରିବାର କୌଶଳ

(ଚ) ଶିକ୍ଷାଦାନ ଉପକରଣ ଓ ଅନ୍ୟାନ୍ୟ ଉପକରଣ ନିୟନ୍ତ୍ରଣ/ବ୍ୟବହାର କରିବାର କୌଶଳ

(ଛ) ଅଣବାଚନିକ ସଙ୍କେତ ବ୍ୟବହାରର କୌଶଳ

(ଜ) ପୁନର୍ବଳନ ବିନିଯୋଗ କରିବାର କୌଶଳ

(ଝ) ଚିତ୍ର ଏବଂ ଉଦାହରଣ ଗୁଡିକର ବ୍ୟାବାହାର କରିବାର କୌଶଳ

(ଞ) ଉପବିଷୟ ବସ୍ତୁର ପ୍ରତିପାଦନ କରିବାର କୌଶଳ

(ଟ) ସ୍ପଷ୍ଟିକରଣ/ବର୍ଣ୍ଣନା କରିବାର କୌଶଳ

(ଠ) ଦଳଗତ ଅଲୋଚନାକୁ ଉତ୍ସାହିତ କରିବାର କୌଶଳ

(ଡ) ଯୋଜନାବଦ୍ଧ ପୁନରାବୃତ୍ତି କରିବାର କୌଶଳ

(ଢ଼) ଶିକ୍ଷାର୍ଥୀମାନଙ୍କଠାରୁ ଉପସଂହାର ନିର୍ଣ୍ଣୟ କରିବାର କୌଶଳ

(ଣ) ଶିକ୍ଷକଙ୍କ ଜୀବନ୍ତ ଉପସ୍ଥାପନର କୌଶଳ

(ତ) ପାଠ ସମାପ୍ତି କରିବାର କୌଶଳ

(ଥ) ଉପଯୁକ୍ତ ଶିକ୍ଷାଦାନ ପଦ୍ଧତି ବ୍ୟବହାର କରିବାର କୌଶଳ

୧୪. **ଶିକ୍ଷାଦାନରେ ଶିକ୍ଷକଙ୍କ ନିଜସ୍ୱ ଅଭିପ୍ରେରଣା ଓ ଆଗ୍ରହ:**

ଶିକ୍ଷକ ଯାହା ଶିକ୍ଷାଦାନ କରୁଛନ୍ତି ଏବଂ ଯେଉଁ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ କରୁଛନ୍ତି ସେଥିପ୍ରତି

ସେ ନିଶ୍ଚିତ ଆଗ୍ରହୀ ହେବା ଦରକାର । ଯଦି ସେ ନିଜେ କାର୍ଯ୍ୟରେ ଆଗ୍ରହୀ ନହୁଅନ୍ତି, ତେବେ ସେ ଶ୍ରେଣୀକୁ କଦାପି ଅଭିପ୍ରେରିତ କରିପାରିବେ ନାହିଁ । ଏହା କୁହାଯାଇପାରେ ଯେ ଜଣେ ଶିକ୍ଷକ ବହୁ ବର୍ଷ ଧରି ସେହି ଶ୍ରେଣୀରେ ସେହି ଏକା ବିଷୟମାନ ପଢାଇ ଆସୁଛନ୍ତି, ସେ ଆଗ୍ରହ ହରାଇ ଥାଆନ୍ତି, କିନ୍ତୁ ଏହା ପ୍ରକୃତ କଥା ନୁହେଁ । ବିଷୟବସ୍ତୁ ଏକା ହୋଇପାରେ କିନ୍ତୁ ପିଲାମାନେ ଏକା ନୁହଁନ୍ତି । ଏପରିକି ବିଷୟବସ୍ତୁ ପରିବର୍ତ୍ତନ ଓ ବିକଶିତ ହେଉଛି । ସର୍ବୋପରି, ସେହି ଏକା ବିଷୟବସ୍ତୁରେ ଅଭିଜ୍ଞତା ସହିତ ଶିକ୍ଷକ ନୂଆ ଶିକ୍ଷାଦାନ ପନ୍ଥା ଓ ପଦ୍ଧତି ଗୁଡ଼ିକୁ ଆବିଷ୍କାର କରିପାରିବେ ।

### ୩.୫.୩. ମନୋବୃତ୍ତି:

ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆବଶ୍ୟକୀୟ ମନୋବୃତ୍ତିର ବିକାଶ କରିବା ଶିକ୍ଷାର ଏକ ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବହୁବିଧ ମନୋବୃତ୍ତିର ନିଶ୍ଚିତ ବିକାଶ କରିବା ଆବଶ୍ୟକ; ଯେପରି ଅଧ୍ୟୟନ, ନିଜେପାଇଁ, ସାଙ୍ଗସାଥି, ନିର୍ଦ୍ଦିଷ୍ଟ ଆଦର୍ଶ ପ୍ରତି ମନୋବୃତ୍ତିର ନିଶ୍ଚିତ ବିକାଶ କରିବା ଆବଶ୍ୟକ; ଏକ ସୁସଙ୍ଗତ ଉପାୟରେ ନିର୍ଦ୍ଦିଷ୍ଟ ଅନୁଷ୍ଠାନ, ବ୍ୟକ୍ତି ଓ ପଦାର୍ଥଗୁଡ଼ିକ ପ୍ରତି ପ୍ରସ୍ତୁତି ପରିଚାଳନା କରିବା ହିଁ ମନୋବୃତ୍ତି ଅଟେ ଯାହା ଶିଖା ଯାଇଥାଏ ଏବଂ ଏହା ଜଣଙ୍କର ପ୍ରତିକ୍ରିୟାର ଆଦର୍ଶଗତ ଢାଞ୍ଚା ହୋଇଥାଏ । ଉଦାହରଣ ସ୍ୱରୂପ ଖାଦ୍ୟ ଓ ପାନୀୟ ପ୍ରତି ଜଣଙ୍କର ମତାମତ ହିଁ ମନୋବୃତ୍ତି । ଆଗ୍ରହ, ପସନ୍ଦ ଓ ସାମାଜିକ ଆଚରଣ ଭଳି ବ୍ୟକ୍ତିତ୍ୱର କେତେକ ଉପାଦାନକୁ ଏହା ଅନ୍ତର୍ଭୁକ୍ତ କରିଥାଏ । ଏକ ମନୋବୃତ୍ତି ଶିଖାଯାଏ ବା ଗ୍ରହଣ କରାଯାଇଥାଏ ।

### ୩.୫.୪. ମୂଲ୍ୟବୋଧ:

ଗୋଟିଏ ମୂଲ୍ୟବୋଧ ଆଦର୍ଶ ପାଇଁ ଠିଆ ହୋଇଥାଏ, ଯାହା ପାଇଁ ମଣିଷ ବଞ୍ଚେ । ଏଗୁଡ଼ିକ ଜୀବନ ପାଇଁ ମାର୍ଗଦର୍ଶକ ନୀତି ଯାହା ଜଣଙ୍କର ଶାରୀରିକ, ସାମାଜିକ ମାନସିକ ସ୍ୱସ୍ଥ୍ୟ ପାଇଁ ସହାୟକ । ମୂଲ୍ୟବୋଧଗୁଡ଼ିକ ବର୍ଣ୍ଣନା କରାଯାଇପାରେ ଯେପରି (୧) ଆମେ ଯାହା ବିଶ୍ୱାସ କରୁ – ଜଣାଶୁଣା ମୂଲ୍ୟବୋଧ (୨) ଆମେ ଯାହା ଅଭ୍ୟାସ କରୁ – କାର୍ଯ୍ୟକାରୀ ମୂଲ୍ୟବୋଧ (୩) ଅତୀତର ପାରଂପରିକ ମୁଲ୍ୟବୋଧରୁ ପାଇଥିବା ପ୍ରଥା ଗୁଡ଼ିକୁ ଅନୁକୂଳନ ଓ ନବୀକରଣ କରିବା ପାଇଁ ଆମେ ଯାହା ଅଭିଜ୍ଞତାରୁ ଶିଖିଥାଉ

(କ) ମୂଲ୍ୟ ବୋଧଗୁଡ଼ିକର ତାଲିକା:

| | |
|---|---|
| (୧) ସତ୍ୟ | (୨) ସୁନ୍ଦର |
| (୩) ସଦ୍‌ଗୁଣ | (୪) ସହଯୋଗ |
| (୫) ଉତ୍ସାହ | (୬) ନାଗରିକତା |
| (୭) ତୁଳନା | (୮) ଭକ୍ତି |
| (୯) ଶୃଙ୍ଖଳା | (୧୦) କର୍ତ୍ତବ୍ୟ |

(୧୧) ସହିଷ୍ଣୁତା (୧୨) ସମତା

(୧୩) ବ୍ୟକ୍ତି ପ୍ରତି ମର୍ଯ୍ୟାଦା (୧୪) ବନ୍ଧୁତା

(୧୫) ସ୍ୱାଧୀନତା (୧୬) ନମ୍ରତା

(୧୭) ସାଧୁତା (୧୮) ଉତ୍ତମ ବ୍ୟବହାର

(୧୯) ସରଳ ଜୀବନ ଯାପନ (୨୦) ନ୍ୟାୟ

(୨୧) ଜାତୀୟ (୨୧) ଜାତୀୟ ଚେତନା

(୨୩) ଅନ୍ୟପ୍ରତି ସମ୍ମାନ (୨୪) ଅହିଂସା

(୨୫) ଜ୍ଞାନ ପ୍ରତି କୌତୁହଳତା (୨୬) ଆଜ୍ଞାଧୀନତା

(୨୭) ଆତ୍ମ ସମ୍ମାନ (୨୮) ସଂବେଦନା

(୨୯) ଜାତୀୟ ସଂହତି (୩୦) ନେତୃତ୍ୱ

(୩୧) ଶ୍ରମ ପ୍ରତି ମର୍ଯ୍ୟାଦା (୩୨) ସମାଜବାଦ

(୩୩) ସମୟାନୁବର୍ତ୍ତିତା (୩୪) ମାନବିକତା

(୩୫) ସମାଜ ସେବା (୩୬) ନିୟମାନୁବର୍ତ୍ତିତା

(୩୭) ଆନ୍ତର୍ଜାତିକ ବୁଝାମଣା (୩୮) ଦେଶପ୍ରେମ

(୩୯) ଆତ୍ମନିୟନ୍ତ୍ରଣ (୪୦) ଧୈର୍ଯ୍ୟ

(୪୧) ଆତ୍ମବିଶ୍ୱାସ (୪୨) କୌତୁହଳତା

(୪୩) ପ୍ରଜ୍ଞା (୪୪) ଉଚ୍ଚତର ଚିନ୍ତନ

(୪୫) ଦାୟିତ୍ୱ ବୋଧ (୪୬) ଭୟଶୂନ୍ୟ

(୪୭) ସଦିଚ୍ଛା (୪୮) ଆନୁଗତ୍ୟ

(୪୯) ଦୟାଶୀଳତା (୫୦) ବଦାନ୍ୟତା

(୫୧) ତ୍ୟାଗ (୫୨) ଉତ୍ତମ ଚରିତ୍ର

(୫୩) ନୈତିକ ମୂଲ୍ୟବୋଧ (୫୪) ଅଧ୍ୟାତ୍ମିକତା

(୫୫) ଶିଷ୍ଟାଚାର (୫୬) ଶାଳୀନତା

(୫୭) ଉତ୍ତମ ସ୍ୱଭାବ (୫୮) ଅନ୍ତର୍ଦୃଷ୍ଟି

(୫୯) ତ୍ୟାଗ (୬୦) ସରଳଜୀବନଯାପନ ଓ ଉଚ୍ଚତର ଚିନ୍ତନ

ଟିପ୍ପଣୀ

(ଖ) ମୂଲ୍ୟ ବୋଧଗୁଡିକର ଅନ୍ତର୍ନିବିଷ୍ଟ କରିବା ନିମିତ୍ତ ଉପାୟ ଓ ମାଧ୍ୟମ (ଶିକ୍ଷାର ଭୂମିକା) ମୂଲ୍ୟବୋଧଗୁଡିକର ଅନ୍ତର୍ନିବିଷ୍ଟ ସଂପର୍କରେ ଏହା କହିବା ପର୍ଯ୍ୟାପ୍ତ ହେବ ଯେ ଏଗୁଡିକ ଶିଖାଯାଏନି ବା ଶିଖିବା ପାଇଁ ପ୍ରସ୍ତୁତ ହୋଇନଥାଏ ବରଂ ଶିକ୍ଷାର୍ଥୀ ନିଜେ ଏଗୁଡିକୁ ହାସଲ କରିଥାଏ। ଆମେ ଯଦି ବାରମ୍ବାର ଶିକ୍ଷାର୍ଥୀମାନଙ୍କୁ ମିଛ କହିବା ଏକ ପାପ, ସେମାନେ ସର୍ବଦା ସତ କହିବା ଉଚିତ୍, ତେବେ ଏହା ସେମାନଙ୍କୁ ମିଛ କହିବା ଛାଡିବା ବା ସତ କହିବା ଶିଖିବା ପାଇଁ ପ୍ରସ୍ତୁତ କରିବ ନାହିଁ। ଯଦି ଶିକ୍ଷକ ଏହି ପ୍ରକାରର ଧର୍ମୋପଦେଶ ଦେବା ପରିବର୍ତ୍ତେ ନିଜେ ସତ୍ୟର ପଥ ଅନୁସରଣ କରନ୍ତି ଏବଂ ଜଣେ ଶିକ୍ଷକ ସର୍ବଦା ସତ୍ୟ କହୁଥିବାର ଶିକ୍ଷାର୍ଥୀମାନେ ଦେଖନ୍ତି, ଏହା ନିଶ୍ଚିନ୍ତ ଶିକ୍ଷାର୍ଥୀମାନଙ୍କ ଉପରେ ପ୍ରଭାବ ପକାଇବ ଏବଂ ଏହା ସମ୍ଭବ ହେବ ଯେ ସେମାନେ ସତ୍ୟର ପଥ ନିଶ୍ଚିନ୍ତ ଗ୍ରହଣ କରିପାରିବେ। ଉଦାହରଣ ସ୍ୱରୂପ ଗାନ୍ଧୀଜି ହରିଶ୍ଚନ୍ଦ୍ରନାଟକ ଦେଖିଥିଲେ ଏବଂ ଏହି ନାଟକର ଏକ ଅଲିଭା ପ୍ରଭାବ ତାଙ୍କ ମସ୍ତିଷ୍କ ଉପରେ ପଡିଥିଲା, ଫଳତଃ ଗାନ୍ଧୀଜି ତାଙ୍କର ସମଗ୍ର ପରବର୍ତ୍ତୀ ଜୀବନ ପାଇଁ ସତ୍ୟର ପଥ ଗ୍ରହଣ କରିଥିଲେ। ତେଣୁ, ମୂଲ୍ୟବୋଧ ସଂପର୍କରେ ଏହା କୁହାଯାଇ ପାରିବ ଯେ ମୂଲ୍ୟବୋଧ ଶିକ୍ଷାଦିଆଯାଏ ନାହିଁ ବରଂ ସେଗୁଡିକ ଆହରଣ କରାଯାଏ। ତେବେ, ଏହି ମୂଲ୍ୟବୋଧ ଗୁଡିକୁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅନ୍ତର୍ନିବିଷ୍ଟ କରିବା ନିମିତ୍ତ ବିଦ୍ୟାଳୟ ବା ଶିକ୍ଷକମାନଙ୍କର ପ୍ରଚେଷ୍ଟା ହେବା ଉଚିତ ଯାହାକୁ ସେମାନେ ଚାହାଁନ୍ତି। ଏଗୁଡିକ ବିଦ୍ୟାଳୟ ପରିବେଶ ଏବଂ ଶିକ୍ଷକଙ୍କ ଆଚରଣ ସହିତ ସମକାଳୀନ ହେବା ଉଚିତ। ଉପର ବର୍ଣ୍ଣିତ ଏହି ମାଧ୍ୟମ ବା ଉପାୟଗୁଡିକ ନିମ୍ନରେ ଦିଆଯାଇଛି। ଯେପରି:

**୧- ପ୍ରାତଃ ସମାବେଶ:**

ବିଦ୍ୟାଳୟ ଶିକ୍ଷାଦାନ କାର୍ଯ ଆରମ୍ଭ ପୂର୍ବରୁ, ଏକ ପ୍ରାତଃ ସମାବେଶ ଆୟୋଜନ କରିବା ଅତ୍ୟାବଶ୍ୟକ ଅଟେ। ଏହାର ଅବଧି ୧୫-୨୦ ମିନିଟ୍ ହେବା ଉଚିତ। ଏହା ନିଂସନ୍ଦେହ ଯେ ଏହି ସମାବେଶରେ ଏ ପ୍ରର୍ଥନା ରହିବା ଉଚିତ, କିନ୍ତୁ ଏହି ପ୍ରାର୍ଥନା ଛଡା, ସମୟ ଅନୁସାରେ ବର୍ତ୍ତମାନ ଓ ପରେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଆଲୋଚନା, ଦେଶମ୍ବୋଧ ସଙ୍ଗୀତ, ନୈତିକ ବକ୍ତୃତା ଆଦିପାଇଁ ଏଥିରେ ବ୍ୟବସ୍ଥା ରହିବା ଉଚିତ। ଏହି ପ୍ରକାର ବ୍ୟବସ୍ଥା ପ୍ରାତଃ ସମାବେଶରେ କରାଯାଇ ପାରିବ।

**୨- ବାଧ୍ୟତାମୂଳକ ବିଷୟ :**

ବାଧ୍ୟତାମୂଳକ ବିଷୟ କହିଲେ ଏଠାରେ ଏହାର ଅର୍ଥ ଅନ୍ୟାନ୍ୟ ବିଷୟ ପରି ନୈତିକ ଶିକ୍ଷାକୁ ଏକ ବିଷୟର ନାମ ଦେଇ ବାଧ୍ୟତାମୂଳକ ବିଷୟ ଭାବରେ ଶିକ୍ଷାଦିଆଯିବା ଉଚିତ। ନୈତିକ ବିଷୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମର ଜ୍ଞାନ ଧାରଣ କରିବା ପରିବର୍ତ୍ତେ ସମସ୍ତ ଧର୍ମର ସାରମର୍ମ ଧାରଣ କରିବା ଉଚିତ। ପାଠ୍ୟକ୍ରମର ପୁନଃପରିକଳ୍ପନା। ମୂଲ୍ୟବୋଧ ଶିକ୍ଷା ପ୍ରଦାନ କରିବା ପାଇଁ ପାଠ୍ୟକ୍ରମ ପୁନଃ ପରିକଳ୍ପନା କରିବାର ଆବଶ୍ୟକତା ରହିଛି। କେତେକ ବିଷୟରେ ଏହି ପ୍ରକାର କେତେକ ପରିବର୍ତ୍ତନ କରାଯିବା ଉଚିତ, ଯାହା ଦ୍ୱାରା ସାମାଜିକ, ନୈତିକ, ସାଂସ୍କୃତିକ ଏବଂ ଜାତୀୟ ମୂଲ୍ୟବୋଧ ଗୁଡିକୁ ଦୃଷ୍ଟିରେ ରଖି ଏହି ବିଷୟଗୁଡ଼ିକୁ ଶିକ୍ଷା ଦିଆଯାଇ ପାରିବ। ଇତିହାସ, ଭୂଗୋଳ, ସାମାଜିକ ପାଠ, ଭାଷା, ସାହିତ୍ୟ, କଳା ଓ ସଙ୍ଗୀତ ଇତ୍ୟାଦି ଭଳି ବିଷୟଗୁଡ଼ିକ ମାଧ୍ୟମରେ ଏହା ସମ୍ଭବ।

**୩- ବାଧ୍ୟତାମୂଳକ ବିଷୟ :**

ସମୟ ସମୟରେ ନୈତିକ ବିଷୟଗୁଡ଼ିକ ସହିତ ଅବିଚ୍ଛେଦ୍ୟ ସଂପର୍କ ଥିବା ବିଜ୍ଞ ବ୍ୟକ୍ତିମାନଙ୍କୁ ଅନୁଷ୍ଠାନକୁ ଆମନ୍ତ୍ରଣ କରାଯିବା ଉଚିତ। ସଂପ୍ରସାରିତ ବକ୍ତୃତାମାଳା ଅଧୀନରେ ମିଣିଷପାଇଁ ଗ୍ରହଣୀୟ ବିଷୟଗୁଡ଼ିକ ଉପରେ ଆମନ୍ତ୍ରିତ ବିଜ୍ଞବ୍ୟକ୍ତିମାନେ ସେମାନଙ୍କ ମତାମତ ପ୍ରକାଶ କରିବା ଉଚିତ।

**୪- ଆଳଙ୍କାରିକ ଭାଷଣ ପ୍ରତିଯୋଗିତା :**

ମୂଲ୍ୟବୋଧ ସଂପର୍କିତ ଶିରୋନାମା ବା ବିଷୟ ଉପରେ ବିଦ୍ୟାଳୟମାନଙ୍କରେ ଆଳଙ୍କାରିକ ଭାଷଣ ପ୍ରତିଯୋଗିତା ଆୟୋଜନ କରାଯିବା ଉଚିତ। ଏହି ପ୍ରତିଯୋଗିତା ଗୁଡ଼ିକରେ ଭାଗନେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯିବା ଉଚିତ।

**୫- ବ୍ୟଙ୍ଗନାଟକ ଓ ଅଭିନୟ :**

ବିଦ୍ୟାଳୟଗୁଡ଼ିକରେ ବ୍ୟଙ୍ଗନାଟକ ଓ ଅଭିନୟ ମାଧ୍ୟମରେ ମୂଲ୍ୟବୋଧ ଶିକ୍ଷା ଅତି ସହଜ ଭାବରେ ପ୍ରଦାନ କରାଯାଇ ପାରିବ। ନୈତିକ, ସାମାଜିକ ଏବଂ ସାଂସ୍କୃତିକ ମୂଲ୍ୟବୋଧ ଗୁଡ଼ିକ ସହ ବ୍ୟଙ୍ଗନାଟକ ଓ ଅଭିନୟର କଥାବସ୍ତୁ ସଂପର୍କିତ ହେବା ଉଚିତ।

**୬- ଜନ୍ମଦିନ ପାଳନ :**

ସେମାନଙ୍କ ସାରାଜୀବନ ଭିତରେ ଉଚ୍ଚତର ମୂଲ୍ୟବୋଧ ଗୁଡ଼ିକୁ ପ୍ରଚାର କରିଥିବା ଏବଂ ସେମାନଙ୍କ ଆଦର୍ଶ ଧାରାକୁ ସମାଜ ଆଗରେ ଉପସ୍ଥାପନ କରିଥିବା ମହାପୁରୁଷମାନଙ୍କର ଜନ୍ମଦିନ ବିଦ୍ୟାଳୟମାନଙ୍କରେ ପାଳନ କରାଯିବା ଉଚିତ। ଉଦାହରଣ ସ୍ୱରୂପ ମହାତ୍ମାଗାନ୍ଧୀ, ଗୁରୁନାନକ, ଗୁରୁ ଗୋବିନ୍ଦ ସିଂହ, ବୁଦ୍ଧ, ଜବାହାରଲାଲନେହେରୁ ଏବଂ ଡକ୍ଟର ଏସ, ରାଧାକ୍ରିଷ୍ଣନ ଙ୍କ ଜନ୍ମଦିନ ବିଦ୍ୟାଳୟମାନଙ୍କରେ ପାଳନ କରାଯିବା ଉଚିତ। ସେମାନଙ୍କ ଜନ୍ମଦିନ ପାଳନ ଶିକ୍ଷାର୍ଥୀମାନଙ୍କୁ ଅଭିପ୍ରେରଣା ପ୍ରଦାନ କରିବ ଏବଂ ସେମାନେ ମହାପୁରୁଷମାନଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଅନୁସରଣ କରିବାକୁ ଚେଷ୍ଟା କରିବେ।

ଟିପ୍ପଣୀ

**୭- ଆନ୍ତର୍ଜାତିକ ଦିବସ ପାଳନ :**

ବିଶ୍ୱଶାନ୍ତି ଦିବସ, ମାନବ ଅଧିକାର ଦିବସ ଇତ୍ୟାଦି ଭଳି ଆନ୍ତର୍ଜାତିକ ଦିବସଗୁଡିକ ବିଦ୍ୟାଳୟ ମାନଙ୍କରେ ପାଳିତ ହେବା ଉଚିତ। ଏହା କରିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କ ଭିତରେ ବିଶ୍ୱ ଭାତୃତ୍ୱର ବିକାଶ ହୋଇପାରିବ।

**୮- ଗଣ ମାଧ୍ୟମରେ ବ୍ୟବହାର :**

ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟବୋଧ ଶିକ୍ଷା ପ୍ରଦାନ କରିବା ପାଇଁ ଗଣମାଧ୍ୟମର ସର୍ବାଧିକ ଉପଯୋଗ ହେବା ଉଚିତ। ଖବର କାଗଜ, ପତ୍ରପତ୍ରିକା, ଦୂରଦର୍ଶନ ଏବଂ ରେଡିଓ ଇତ୍ୟାଦିର ବ୍ୟବହାର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ମୂଲ୍ୟବୋଧ ପ୍ରତି ଜାଗରଣ ସୃଷ୍ଟି କରିପାରିବ।

**୯- ଜାତୀୟ ସେବା ଯୋଜନା :**

ଜାତୀୟ ସେବା ଯୋଜନା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜାତୀୟ ଓ ସାମାଜିକ ସେବା ଭାବ ଅନ୍ତର୍ନିବେଶ କରାଯାଇ ପାରିବ। ସେବା ସଂପର୍କିତ କାର୍ଯ୍ୟମାନ କରି ଶକ୍ଷାର୍ଥୀମାନଙ୍କ ଭିତରେ ନୈତିକ, ସାମାଜିକ ଏବଂ ସାଂସ୍କୃତିକ ବିକାଶ କରାଯାଇପାରିବ।

**୧୦- ମୂଲ୍ୟବୋଧ ଭିତ୍ତିକ ପତ୍ରିକା :**

ବିଦ୍ୟାଳୟରେ ଯେଉଁପ୍ରକାର ପତ୍ରିକା ପ୍ରକାଶିତ ହେଉନା କାହିଁକି, ଏଥିରେ ପ୍ରକାଶିତ ହେଉଥିବା ଲେଖାଗୁଡ଼ିକ ଏପରି ହେବା ଉଚିତ ଯାହା ମାଧ୍ୟମରେ ଶିକ୍ଷାର୍ଥୀମାନେ ଶିକ୍ଷା ଲାଭ କରିବେ ଓ ସେମାନଙ୍କର ଚରିତ୍ର ବିକାଶ କରିପାରିବେ।

**୧୧- ଶିକ୍ଷକଙ୍କ ଭୂମିକା :**

ଶୈକ୍ଷିକ ମୂଲ୍ୟବୋଧ ଗୁଡିକର ଅନ୍ତର୍ନିବେଶରେ ଶିକ୍ଷକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଉଚିତ। ଏହିସବୁ ସମ୍ବଳଗୁଡିକ ଶିକ୍ଷକଙ୍କ ଦ୍ୱାରା ବ୍ୟବହାର ହୋଇଥାଏ ଯାହା ଉପରେ ସୂଚିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆମେ ପୂର୍ବରୁ ଶିକ୍ଷକଙ୍କ ଭୂମିକା ସଂପର୍କରେ ଆଲୋଚନା କରି ସାରଛେ। ପୃଥିବୀକୁ ଆସିବା ପରେ ଯାହା ପିଲାଟିଏ ଶିଖିଥାଏ ତାହା ଅନ୍ୟମାନଙ୍କୁ ଅନୁକରଣ ଦ୍ୱାରା ଶିଖେ। ଶିକ୍ଷାର୍ଥୀମାନଙ୍କ ପାଇଁ ସେମାନଙ୍କ ଶିକ୍ଷକ ହେଉଛନ୍ତି ଆଦର୍ଶ ଏବଂ ସେମାନେ ସେମାନଙ୍କ ଶିକ୍ଷକମାନଙ୍କ ଜୀବନ ଶୈଳିକୁ ନକଲ କରନ୍ତି। ଏହି ମୂଲ୍ୟବୋଧ ଗୁଡିକୁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅନ୍ତର୍ନିବେଶ କରିବା ପାଇଁ ଶିକ୍ଷକ ନିଜର ଆଦର୍ଶ ଗୁଡିକୁ ସେମାନଙ୍କ ଆଗରେ ଉପସ୍ଥାପିତ କରିବା ଉଚିତ। ଶିକ୍ଷକଙ୍କ ମନୋବୃତ୍ତି ଉଦାର ହେବା ଉଚିତ। ଯେତେବେଳେ ଜଣେ ଶିକ୍ଷକଙ୍କର ମୂଲ୍ୟବୋଧ ଉପରେ ବିଶ୍ୱାସ ରହିବ, ସେତେବେଳେ କେବଳ ସେ ଏହାକୁ ପ୍ରଦାନ କରିପାରିବେ। ଜଣେ ଶିକ୍ଷକ ଯାହା କହନ୍ତି ଓ ବାସ୍ତବରେ ଯାହା କରନ୍ତି ଏହା ମଧ୍ୟରେ ଜମା ପାର୍ଥକ୍ୟ ରହିବା ଉଚିତ ନୁହେଁ। ଏହା ସର୍ବଦା ଶିକ୍ଷକଙ୍କର ପ୍ରୟାସ ରହିବା ଉଚିତ ଯେ ଯେତେବେଳେ ମୂଲ୍ୟବୋଧ ପ୍ରସଙ୍ଗରେ କିଛି କଥା ଆସିବ, ସେ ତତ୍‌କ୍ଷଣାତ ଏହାକୁ ବୁଝାଇବା ଉଚିତ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଉପରେ ଗୁରୁତ୍ୱ ଦେବା ଉଚିତ। ସମାଜରେ ଶିକ୍ଷକ ହେଉଛନ୍ତି ଏକମାତ୍ର ବ୍ୟକ୍ତିତ୍ୱ ଯାହାଙ୍କ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ସାମାଜିକ, ନୈତିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବିକାଶ ସମ୍ଭବ। ତେଣୁ

ଶିକ୍ଷକଙ୍କ ବ୍ୟକ୍ତିଗତ ଜୀବନ ପ୍ରଶସ୍ତ, ନିର୍ମଳ ଏବଂ ପରିଷ୍କାରର ଏବଂ ସମ୍ମାନସ୍ପଦ ସହିତ ଅନୁକରଣ ଯୋଗ୍ୟ ହେବା ଉଚିତ ଫଳରେ ସେ ତାଙ୍କର ଶିକ୍ଷାର୍ଥୀମାନଙ୍କ ଉପରେ ନିଜ ବ୍ୟକ୍ତିତ୍ୱର ଏକ ଅଲିଭା ଛାପ ଛାଡିବାରେ ସକ୍ଷମ ହୋଇପାରିବେ ।

**ନିଜ ଅଗ୍ରଗତି ଆକଳନ - ୩**

ବ୍ୟକ୍ତିତ୍ୱର ବିକାଶ ନିମିତ୍ତ ଦାୟୀ ଉପାଦାନଗୁଡିକୁ ସଂକ୍ଷପରେ ବର୍ଣ୍ଣନା କର ।

___________________________________________

___________________________________________

___________________________________________

## ୩.୬. ବ୍ୟକ୍ତିତ୍ୱର ଆକଳନ

ଆକଳନର ପଦ୍ଧତିଗୁଡିକ ମୁଖ୍ୟତଃ ବିଭାଗୀ କରଣ ହୋଇଥାଏ ଯାଥା (୧) ବସ୍ତୁନିଷ୍ଠ ପଦ୍ଧତି (୨) ବ୍ୟକ୍ତିନିଷ୍ଠ ପଦ୍ଧତି ଓ (୩) ପ୍ରକ୍ଷେପିତ ପଦ୍ଧତି । ପ୍ରଥମତଃ ପଦ୍ଧତି ଓ କୌଶଳ ଗୁଡ଼ିକ ମଧ ମାନକ ଓ ଅଣମାନଙ୍କ ରୂପେ ବର୍ଗୀକରଣ ହୋଇଥାନ୍ତି । ଆତ୍ମବିବରଣୀ ଲିଖନ ପଦ୍ଧତିମାନ ରହିଛି ଯେଉଁଥିରେ ଆକଳନ କରାଯିବାକୁ ଥିବା ବ୍ୟକ୍ତିଜୀବନୀ, ସାକ୍ଷାତାକାର, ପ୍ରଶ୍ନାବଳୀ, ଏବଂ ବ୍ୟକ୍ତିତ୍ୱ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିଥାଏ । ଦ୍ୱିତୀୟତଃ ମୂଲ୍ୟ ଆରୋପିତ କୌଶଳମାନ ରହିଛି ଯେଉଁଥିରେ ଜଣେ ବ୍ୟକ୍ତି ବିଷୟରେ ଅନ୍ୟମାନେ ଯାହା କହନ୍ତି ତାହା ଆଧାରରେ ଆକଳନ ହୋଇଥାଏ । ଏହି ପଦ୍ଧତିଗୁଡିକ ସମସ୍ତପ୍ରକାର ନିର୍ଦ୍ଧାରଣ ମାପକ, ଜୀବନୀ, ବ୍ୟକ୍ତି ଇତିହାସ, ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିଥାଏ । ତୃତୀୟତଃ ଆମେ ବ୍ୟବହାରିକ ପରିମାପ ବ୍ୟବହାରର ପର୍ଯ୍ୟବେକ୍ଷଣ କରଯାଇ ଥାଏ । ଚତୁର୍ଥତଃ ପ୍ରକ୍ଷେପିତ କୌଶଳମାନ ରହିଛି ଯାହା ଉକ୍ଟ କଳ୍ପନାଅଧାରିତ ପରିସ୍ଥିତିରେ ବ୍ୟକ୍ତିର ପ୍ରତିକ୍ରିୟା ବିନିଯୋଗ କରିଥାଏ । ପରିଶେଷରେ ଯନ୍ତ୍ର ଓ ଯାନ୍ତ୍ରୀକ ସରଂଜାମ ମାନ ରହିଛି ଯାହା ସାହାଯ୍ୟରେ ଆମେ କେତେକ ବ୍ୟକ୍ତିତ୍ୱ ପରିବର୍ତ୍ତନୀୟ ଉପାଦାନକୁ ଆକଳନ କରିପାରିବା ।

ଟିପ୍ପଣୀ

### ବ୍ୟକ୍ତିତ୍ୱ ଆକଳନ କରିବାର ପଦ୍ଧତି ସମୂହ

**ମାନକ ପରୀକ୍ଷଣ**
**ବସ୍ତୁନିଷ୍ଠ ପଦ୍ଧତି**

୧. ଉପଲବ୍ଧି ପରୀକ୍ଷଣ
୨. ପ୍ରବୃତ୍ତି ପରୀକ୍ଷଣ
୩. ବୁଦ୍ଧି ପରୀକ୍ଷଣ
୪. ଆଗ୍ରହ ପରିମାପ ସୂଚୀ
୫. ବ୍ୟକ୍ତିତ୍ୱ ପରିମାପ ସୂଚୀ

**ଅଣମାନଙ୍କ ପରୀକ୍ଷଣ ବା**
**ବ୍ୟକ୍ତିନିଷ୍ଠ ପଦ୍ଧତି**

୧. ଘଟଣାବଳୀ ବିବରଣ
୨. ଆତ୍ମ ଜୀବନୀ
୩. ଘଟଣା ସମ୍ମିଳନୀ ବା ଘଟଣା ଇତିହାସ ବା ଘଟଣା ଅଧ୍ୟୟନ
୪. ସଞ୍ଚୟୀ ବିବରଣ ପତ୍ରିକା
୫. ସାକ୍ଷାତାକାର
୬. ପର୍ଯ୍ୟବେକ୍ଷଣ
୭. ଅଭିଭାବକଙ୍କ ମତାମତ
୮. ବ୍ୟକ୍ତିଗତ ତଥ୍ୟାବଳୀ
୯. ପ୍ରଶ୍ନାବଳୀ
୧୦. ନିର୍ଦ୍ଧାରଣ ମାପକ ବା ଅନୁସୂଚୀ
୧୧. ମନୋବୃତ୍ତି ମାପକ
୧୨. ପ୍ରାପ୍ତାଙ୍କ ଫର୍ଦ୍ଦ
୧୩. ସୋସିଓମେଟ୍ରି

**ମାନକ ପରୀକ୍ଷଣ**
**ବସ୍ତୁନିଷ୍ଠ ପଦ୍ଧତି**

୧. ବି.ବି ପରୀକ୍ଷଣ
୨. କଳାଛବି ପରୀକ୍ଷଣ
୩ ଚିଲ୍ଡ୍ରେନ ଆପରସେପସନ ପରୀକ୍ଷଣ
୪. କାଦୁଅରେ ମୂର୍ତ୍ତି ନିର୍ମାଣ
୫. କ୍ଲାଉଡ ଛବି ପରୀକ୍ଷଣ
୬. ମନୁଷ୍ୟ ଅଙ୍କନ ପରୀକ୍ଷଣ
୭. ହସ୍ତ ଲିପି ଅଧ୍ୟୟନ
୮. କାରୁକାର୍ଯ୍ୟ ପରୀକ୍ଷଣ
୯. ମନସ୍ତାତ୍ତ୍ୱିକ ଅଭିନୟ
୧୦. ରୋରସାଚ କାଳିଦାଗ ପରୀକ୍ଷଣ
୧୧. ବାକ୍ୟ ସଂପୂର୍ଣ୍ଣ କରିବା ପରୀକ୍ଷଣ
୧୨. ସାମାଜିକ ଅଭିନୟ
୧୩. ସାଣ୍ଡି ପରୀକ୍ଷଣ
୧୪. ଥିମାଟିକ୍ ଆପରସେପସନ ପରୀକ୍ଷଣ
୧୫. ଖେଳଣା ଓ କଣ୍ଢେଇ ପରୀକ୍ଷଣ (ଶବ୍ଦଖେଳ)
୧୬. ଶବ୍ଦ ସଂଯୋଜନା ପରୀକ୍ଷଣ (ମୁକ୍ତ ଓ ନିୟନ୍ତ୍ରିତ)

ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ - ୪**

ବ୍ୟକ୍ତିତ୍ୱ ଆକଳନ କରିବାର ପଦ୍ଧତି ଗୁଡିକ କ'ଣ? ସେଗୁଡିକ ମଧ୍ୟରୁ ପ୍ରତ୍ୟେକଙ୍କୁ ବର୍ଣ୍ଣନା କର ।

________________________________________

________________________________________

________________________________________

## ୩.୭. ବ୍ୟକ୍ତିତ୍ୱର ବିକାଶରେ ଶିକ୍ଷକଙ୍କ ଭୂମିକା:

ଶିକ୍ଷାର୍ଥୀମାନଙ୍କର ବିକାଶ:

ଶିକ୍ଷକଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶକ ନୀତି ନିମ୍ନରେ ଦିଆଗଲା ।

- ଧ୍ୟାନ : ନିମ୍ନୋକ୍ତ ବିନ୍ଦୁଗୁଡିକ ଏଥିରେ ସ୍ଥାନିତ ହେବା ପାଇଁ ଯୋଗ୍ୟ ଅଟେ ।

  ୧ - ପିଲାମାନଙ୍କୁ ଉପଯୁକ୍ତ ଧ୍ୟାନଦେବା ବ୍ୟକ୍ତିତ୍ୱ ବିକାଶର ଏକ ସର୍ବୋତ୍ତମ ପଦ୍ଧତି ଅଟେ ।

  ୨ - ଧ୍ୟାନର ଗୁଣାତ୍ମକତା ଗୁରୁତ୍ୱ ବହନ କରେ

  ୩ - ଯଦି ପିଲାମାନେ ପ୍ରଶ୍ନ ପଚାରନ୍ତି, ତେବେ ଶିକ୍ଷକ ଏହାର ଉତ୍ତର ତତ୍କ୍ଷଣାତ୍ ଦେବାକୁ ଚେଷ୍ଟା କରିବା ଉଚିତ । ସେମାନେ ଗୁରୁତ୍ୱ ପୂର୍ଣ୍ଣ ଅଟନ୍ତି ଏବଂ ସେମାନଙ୍କୁ ଧ୍ୟାନ ଦିଆଯିବା ଆବଶ୍ୟକ । ଯଦି ଶିକ୍ଷକ ସେମାନଙ୍କୁ ଏକ ପାଖିଆ କରିଦିଅନ୍ତି ବା ଅଣଦେଖା କରନ୍ତି, ସେମାନେ ଧାରଣା ପାଇବେ ଯେ ସେମାନେ ଅବହେଳିତ ହେଉଛନ୍ତି ଏବଂ ସେମାନେ ଆତ୍ମବିଶ୍ୱାସ ହରାନ୍ତି ।

- ଶୃଙ୍ଖଳା :

  ୧ - ଜଣେ ଶିକ୍ଷକ ନ୍ୟାୟସଂଗତ, ସ୍ୱଷ୍ଟବାଦୀ, ସାଧୁ ଏବଂ ସ୍ନେହୀ ହେବା ସହ ଦୃଢ଼ ଓ ସୁସଙ୍ଗତ ହେବା ଉଚିତ ।

  ୨ - କୋମଳ ନୀତି ମଧ୍ୟ କ୍ୱଚିତ ପାଳନ କରାଯାଏ, ଅତି କଠୋର ମଧ୍ୟ କ୍ୱଚିତ୍ କାର୍ଯ୍ୟକାରୀ ହୋଇଥାଏ ।

  ୩ - ପିଲାମାନଙ୍କ ଆବଶ୍ୟକତା ଆଧାରରେ ଶୃଙ୍ଖଳା କାର୍ଯ୍ୟକାରୀ ହେବା ଉଚିତ ।

ଟିପ୍ପଣୀ

- ଉଦାହରଣ :

୧ – ପିଲାମାନେ କାର୍ଯଗୁଡିକ ଦ୍ୱାରା ପ୍ରଭାବିତ ହେବା ଉଚିତ ଯାହା ଶବ୍ଦଠାରୁ ଅଧିକ ଉଚ୍ଚ ସ୍ୱରରେ କହିଥାଏ ।

୨ – ଶିକ୍ଷକ କିପରି ଜୀବିକା ନିର୍ବାହ କରନ୍ତି ସେ ବିଷୟରେ ଯତ୍ନବାନ ହେବା ଉଚିତ୍ । ସେ କେବଳ ମାତ୍ର ପାଠ୍ୟପୁସ୍ତକ ଯାହାଙ୍କୁ କେତେକ ପିଲା ସବୁବେଳେ ପଢିବେ ।

- କୌତୁକ :

କିଛିକ୍ଷଣ ପାଇଁ ଥରେ ସେମାନଙ୍କ ସହ ଶିକ୍ଷକ ନିଶ୍ଚିନ୍ତ କୌତୁକ କରିବା ଆବଶ୍ୟକ । ଏହା ମଧ୍ୟ ନିଜସ୍ୱ ଢଙ୍ଗରେ ଶୈକ୍ଷିକ ହେବା ଦରକାର ।

- ପ୍ରେରଣା :

ଶିକ୍ଷକ ଭାବରେ ପ୍ରେରଣା ଦେବାର ରହସ୍ୟ ହେଲା–

- ସେ ଯାହା କରୁଛନ୍ତି ଜାଣିବା
- ସେ ଯାହା କରୁଛନ୍ତି ଭଲପାଇବା
- ସେ ଯାହା କରୁଛନ୍ତି ବିଶ୍ୱାସ କରିବା

- ପ୍ରେମ / ଭଲପାଇବା :

ଏହା ଏକ ପରିଚିତ ଉକ୍ତି, "ପିଲାକୁ ଭଲ ପାଅ ଏବଂ ପିଲା ତୁମକୁ ଭଲ ପାଇବ । ଘୃଣା କର ଏବଂ ସେ ତୁମକୁ ଘୃଣା କରିବ ।"

- ଧୈର୍ଯ୍ୟ :

ଭଲପାଇବା/ପ୍ରେମ ଦ୍ୱାରା ଗୋଟିଏ ପିଲାକୁ ପ୍ରସ୍ତୁତ କରିବା ପାଇଁ ଅନେକ ଧୈର୍ଯ୍ୟ ଆବଶ୍ୟକ କରେ ।

- ପ୍ରଶଂସା :

୧. ପିଲାମାନେ ପ୍ରଶଂସା ପାଇଲେ ଉନ୍ନତି କରନ୍ତି । ଏହା ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।

୨. ଯଦି ପିଲାଟିଏ ସମାଲୋଚନାରେ ବଂଚେ, ତେବେ ସେ ଦୋଷଦେବା ଶିଖେ । ଯଦି ସେ ପ୍ରଶଂସାରେ ବଂଚେ, ତେବେ ସେ ସର୍ବୋଚ୍ଚ ସାମର୍ଥ୍ୟରେ କଠିନ ପରିଶ୍ରମ କରେ ?

୩. ପିଲାଟିର ଖରାପ ବ୍ୟବହାର ପାଇଁ ତାକୁ ଗାଳିଦେବା ପରିବର୍ତ୍ତେ, ତାର ଭଲ ବ୍ୟବହାର ପାଇଁ ତାକୁ ପ୍ରସଂସା କରିବା ଗୁରୁତ୍ୱ ପୂର୍ଣ୍ଣ ଅଟେ ।

ଟିପ୍ପଣୀ

- ବୁଝାମଣା :

ପିଲାମାନଙ୍କୁ ବୁଝିବାକୁ ହେଲେ ଶିକ୍ଷକ ପ୍ରଥମେ ନିଜକୁ ନିଶ୍ଚିନ୍ତ ବୁଝିବା ଦରକାର । ଏହା ଗୁରୁତ୍ୱ ଦିଆଯାଇ ପାରେ ଯେ ଗୋଟିଏ ପିଲାର ବ୍ୟକ୍ତିତ୍ୱ ବିକାଶର ଗୋଟିଏ ବା ଅନ୍ୟଦିଗଗୁଡିକ ସହିତ ଶିକ୍ଷକ ସଂପୃକ୍ତ ନୁହଁନ୍ତି । ସେ ସବୁ ପିଲାଙ୍କ ପାଇଁ ସବୁ ହେବା ଆଶା କରାଯାଏ - ଗୋଟିଏ ଚିକିତ୍ସକ ରୂପେ ସେମାନଙ୍କ ଶାରୀରିକ ସ୍ୱାସ୍ଥ୍ୟ ବିଷୟରେ ସଂପୃକ୍ତ ହେବା, ଏକ ମାନସିକ ସ୍ୱାସ୍ଥ୍ୟରକ୍ଷା କାରୀ ବ୍ୟକ୍ତି ଭାବରେ ସୁସ୍ଥ ମାନସିକ ସ୍ୱସ୍ଥ୍ୟ ଦିଗରେ ସେମାନଙ୍କୁ ଯତ୍ନଶୀଳ ଭାବେ ଆଗେଇ ନେବା, ଜଣେ ଦାର୍ଶନିକ ରୂପେ ସତ୍ୟ ନିମିତ୍ତ ସେମାନଙ୍କ ଅନ୍ୱେଷଣରେ କଷ୍ଟ ସହିଷ୍ଣୁ ହେବାରେ ମାର୍ଗଦର୍ଶନ କରିବା । ଜଣେ ନୈତିକ ବ୍ୟକ୍ତି ରୂପେ ସଦ୍‌ଗୁଣ ଆହରଣ ପାଇଁ ସେମାନଙ୍କୁ ସହାୟତା ଓ ଉତ୍ସାହିତ କରିବା ଏବଂ ଜଣେ କଳାକାର ଭାବେ ସୌନ୍ଦର୍ଯ୍ୟ ଅନ୍ୱେଷଣରେ ସେମାନଙ୍କୁ ସାହଯ୍ୟ କରିବା । ସେ ନିଶ୍ଚିନ୍ତ ରୂପେ ଜଣେ ପରିଚର୍ଯ୍ୟାକାରୀ ଭାବେ ସେମାନଙ୍କର ସମସ୍ତ ଆବଶ୍ୟକତାକୁ ପରଚର୍ଯ୍ୟା କରିବା ଆବଶ୍ୟକ । ଏହିପରି ଏକ ପରିଚର୍ଯ୍ୟା ତ୍ୟଗପୂତ ସେବା ପାଇଁ ଆହ୍ୱାନ କରିଥାଏ ।

**ନିଜ ଅଗ୍ରଗତି ଆକଳନ - ୫**

ଜଣେ ଶିକ୍ଷକ ନିଜ ଶିକ୍ଷାର୍ଥୀମାନଙ୍କ ବ୍ୟକ୍ତିତ୍ୱର ବିକାଶ ନିମିତ୍ତ ଦାୟୀ ଅଟନ୍ତି କି ? ସଂକ୍ଷେପରେ ବର୍ଣ୍ଣନା କର ।

______________________________

______________________________

______________________________

## ୩.୮. ସାରାଂଶ

ବ୍ୟକ୍ତିତ୍ୱ ବା "ପର୍ଶନାଲିଟି" ଶବ୍ଦଟି ଲାଟିନ୍ ଶବ୍ଦ 'ପର୍ସୋନା' ରୁ ଉଦ୍ଧୃତ ଯାହାର ଅର୍ଥ ରୋମାନ କଳାକାରମାନଙ୍କ ଦ୍ୱାରା ପିନ୍ଧାଯାଉଥିବା ମୁଖା । ଏହି ଅର୍ଥରେ ବ୍ୟକ୍ତିତ୍ୱର ଅର୍ଥ ହେଲା ବ୍ୟକ୍ତି ଅନ୍ୟଦ୍ୱାରା ଯେପରି ଗ୍ରହଣୀୟ ହୋଇଥାଏ । ବ୍ୟକ୍ତିତ୍ୱ ହେଉଛି ଯାହା ଜଣେ ଯେପରି ଅଟେ । ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ ଅଦ୍ୱିତୀୟ । ବ୍ୟକ୍ତିତ୍ୱ ହେଉଛି କ୍ରିୟାଶୀଳ ଏବଂ ଏହା ସ୍ଥିତିଶୀଳ ନୁହେଁ । ବ୍ୟକ୍ତିତ୍ୱ ଏକ ଏକୀକୃତ ସତ୍ତାରୂପେ କାର୍ଯ୍ୟ କରେ । ଉଭୟ ବଂଶାନୁକ୍ରମ ଓ ପରିବେଶର

ଉତ୍ପନ୍ନ ଫଳ ହେଉଛି ବ୍ୟକ୍ତିତ୍ୱ। ବ୍ୟକ୍ତିତ୍ୱର ଅନେକ ଗୁଡିଏ ତତ୍ତ୍ୱ ରହିଛି ଯାହା ବ୍ୟକ୍ତିତ୍ୱର ବିକାଶ ସଂପର୍କରେ କହିଥାଏ ଓ ଏହାର ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ଉପାଦେୟତା ରହିଛି। ଗୋଟିଏ ପିଲାର ନିଜବିଷୟରେ ଓ ନିଜ ମନୋବୃତ୍ତି ତଥା ପାଉଥିବା ଅଭିପ୍ରେରଣା ଏବଂ ସେ ବିକଶିତ କରିଥିବା ମୂଲ୍ୟବୋଧ ସଂପର୍କିତ ବୁଝାମଣା ତାହାର ବ୍ୟକ୍ତିତ୍ୱର ବିକାଶ ରେ ସାହାଯ୍ୟ କରେ। ପିଲାର ବ୍ୟକ୍ତିତ୍ୱ ବିକାଶରେ ଜଣେ ଶିକ୍ଷକ ମୁଖ୍ୟ ଭୂମିକା ନିର୍ବାହ କରନ୍ତି। ବସ୍ତୁନିଷ୍ଠ, ବ୍ୟକ୍ତି ନିଷ୍ଠ ଏବଂ ପ୍ରକ୍ଷେପଣ ପଦ୍ଧତିଗୁଡିକ ଦ୍ୱାରା ବ୍ୟକ୍ତିତ୍ୱ ମପା ଯାଇପାରିବ।

## ୩.୯. ନିଜ ଅଗ୍ରଗତି ଆକଳନ ପାଇଁ ଉତ୍ତର:

- ନିଜ ଅଗ୍ରଗତି ଆକଳନ - ୧

  ୧. ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ ଅଦ୍ୱିତୀୟ ଅଟେ।

  ୨. ବ୍ୟକ୍ତିତ୍ୱ କ୍ରିୟାଶୀଳ ଏବଂ ସ୍ଥିତିଶୀଳ ନୁହେଁ।

- ନିଜ ଅଗ୍ରଗତି ଆକଳନ - ୨

  ବ୍ୟକ୍ତିତ୍ୱର ଲକ୍ଷଣତତ୍ତ୍ୱ ଏବଂ ବ୍ୟକ୍ତିତ୍ୱର ମନୋବୈଜ୍ଞାନିକ ବେଶ୍ଳେଷଣ ତତ୍ତ୍ୱ

- ନିଜ ଅଗ୍ରଗତି ଆକଳନ - ୩

  ଆତ୍ମ ପ୍ରତ୍ୟୟ, ଅଭିପ୍ରେରଣା, ମନୋବୃତ୍ତି ଏବଂ ମୂଲ୍ୟବୋଧ

- ନିଜ ଅଗ୍ରଗତି ଆକଳନ - ୪

  ୧. ବସ୍ତୁନିଷ୍ଠ ପଦ୍ଧତି ୨. ବ୍ୟକ୍ତିନିଷ୍ଠ ପଦ୍ଧତି ୩. ପ୍ରକ୍ଷେପଣ ପଦ୍ଧତି

- ନିଜ ଅଗ୍ରଗତି ଆକଳନ - ୫

  ହଁ। ଶିକ୍ଷକ ଶିକ୍ଷାର୍ଥୀକୁ ଧ୍ୟାନ ଦେବା, ଭଲ ପାଇବା, ବୁଝିବା ଏବଂ ପ୍ରଶଂସା କରିବା ଉଚିତ ଯାହା ଫଳରେ ସେ ଏକ ଉତ୍ତମ ବ୍ୟକ୍ତିତ୍ୱ ବିକାଶ କରିପାରନ୍ତି।

## ୩.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ:

## ୩.୧୧. ପାଠାନ୍ତ ପ୍ରଶ୍ନାବଳୀ

୧. ବ୍ୟକ୍ତିତ୍ୱର ସଂଜ୍ଞା ନିରୂପଣ କର।

୨. ବ୍ୟକ୍ତିତ୍ୱର ଲକ୍ଷଣ ଗୁଡିକ କ'ଣ?

୩. ବ୍ୟକ୍ତିତ୍ୱ ମାପନ ପାଇଁ ବିଭିନ୍ନ ଉପାୟଗୁଡିକ କ'ଣ?

୪. ବ୍ୟକ୍ତିତ୍ୱର ଗୋଟିଏ ତତ୍ତ୍ୱ ବୁଝାଅ।

ଟିପ୍ପଣୀ